Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:271✦28 January 2026 (Wednesday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୭୧✦୨୮ ଜାନୁଆରୀ ୨୦୨୬ (ବୁଧବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

୮୦% ସ୍ଥାନୀୟ ନିଯୁକ୍ତି ଦେଲେ ଆମେ କାରଖାନାର ସମ୍ପ୍ରସାରଣରେ ସମର୍ଥନ କରିବୁ : ମୁଖ୍ୟମନ୍ତ୍ରୀ

ସମ୍ବଲପୁର,୨୭/୧(ନି/ପ୍ର) : ସମ୍ବଲପୁର ଜିଲ୍ଲା ତଥା ଅଞ୍ଚଳ ନିମନ୍ତେ ଆଜି ଏକ ଐତିହାସିକ ଦିନ। ଆଦିତ୍ୟ ଆଲୁମିନିୟମ ସମ୍ବଲପୁର ଜିଲ୍ଲାକୁ ସମୃଦ୍ଧ କରିବାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଛି। ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଇ ନଥିବା ନେଇ ଜନ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ରହୁଛିଲା କିନ୍ତୁ କମ୍ପାନି କର୍ତ୍ତୃପକ୍ଷ କହୁଛନ୍ତି ଏବେ ୬୫୦୦ ଲୋକ ନିଯୁକ୍ତି ପାଇଛନ୍ତି। ସେଥିରୁ ୮୦ ପ୍ରତିଶତ ସ୍ଥାନୀୟ ନିଯୁକ୍ତି ଦେଇଛନ୍ତିଷ୍ଠ ବେଳେ ନିଯୁକ୍ତି ଦିଆଯାଇଛି, ତାହାର ହିସାବ ନିକାସ ହେବ। କମ୍ପାନି କର୍ତ୍ତୃପକ୍ଷଙ୍କୁ ୮୦ ପ୍ରତିଶତ ସ୍ଥାନୀୟ ନିଯୁକ୍ତି ଦେବାକୁ ପଡ଼ିବ। ୮୦ ପ୍ରତିଶତ ସ୍ଥାନୀୟ ନିଯୁକ୍ତି ଦେଲେ ଆମେ କାରଖାନାର ସମ୍ପ୍ରସାରଣରେ ସମର୍ଥନ କରିବୁ। ସ୍ଥାନୀୟ ଲଘୁଶିଳ୍ପ ଆଦିତ୍ୟ ଆଲୁମିନିୟମ ଶିଳ୍ପାନୁଷ୍ଠାନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ପ୍ରକଳ୍ପ ଉଦଘାଟନ ଓ ଗୋଡିଏ ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ ଏହା କହିଛନ୍ତି। ସେ ଆଜି ୫ ହଜାର କୋଟିର ଆଲୁମିନିୟମ ଏଫ.ଆର.ପି ଯୁନିଟ ଓ ୮୩୪ କୋଟିର ସ୍ୱତନ୍ତ୍ର ବ୍ୟାଟେରି ଫଏଲ ତିଆରି ଯୁନିଟର ଉଦଘାଟନ କରିଛନ୍ତି। ଏହା ସହ ୨୧ ହଜାର ୧୬୨ କୋଟି ଆଦିତ୍ୟ ଆଲୁମିନିୟମ ସ୍ପେଲଟର କ୍ଷମତା ସମ୍ପ୍ରସାରଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଖିଲିଭୂମି ସୁଦୃଢ଼ ହେଲେ ଏ ଅଞ୍ଚଳର ବିକାଶ ହେବ। ସେଥିଲାଗି ସମ୍ବଲପୁରରେ ରାଜ୍ୟର ଦ୍ୱିତୀୟ ବିଶ୍ୱ ସକ୍ଷମ। କେନ୍ଦ୍ର ସ୍ଥାପନ କରାଯିବଷ୍ଠ ଯୁବକ ଯୁବତୀମାନଙ୍କୁ ଶିଳ୍ପ କ୍ଷେତ୍ରରେ ନିଯୁକ୍ତି ପାଇଁ ପ୍ରସ୍ତୁତ କରାଯିବଷ୍ଠ ଅଞ୍ଚଳକୁ ପ୍ରଦୂଷଣ ମୁକ୍ତ କରିବା ନିମନ୍ତେ ଯାହା ଦରକାର ରାଜ୍ୟ ସରକାର କରିବେ। କମ୍ପାନିକୁ ଜନପ୍ରତିନିଧି ମାନଙ୍କର କଥାକୁ ଗୁରୁତ୍ୱ ଦେଇ ସିଏସଆର୍ କାମ କରିବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଆହୁରି ନୂଆ ଶିଳ୍ପ ପ୍ରତିଷ୍ଠା କରାଯିବ। ନୂଆନୂଆ ଶିଳ୍ପ ପ୍ରତିଷ୍ଠା ହେଲେ ୧୫ ଲକ୍ଷ ଶିକ୍ଷିତ ଯୁବକ ଯୁବତୀ ଚାକିରି ପାଇ ପାରିବେ। ଅଞ୍ଚଳର ଯୁବକମାନେ ଦକ୍ଷ ହେଲେ ଏଠିକାର କମ୍ପାନି ବାଧ୍ୟ ନିଯୁକ୍ତି ଦେବ। ବାହାର ରାଜ୍ୟର ଯୁବକ ଯୁବତୀମାନଙ୍କୁ କେଉଁ ଅଗ୍ରାଧିକାର ଦିଆଯଉଛି ତାହା ଆମ ଯୁବକ ଯୁବତୀମାନେ ପାଇବେ। ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ। ହିଣ୍ଡାଲକୋ ଏମାଡି ସଦାଶ ପାଇଙ୍କୁ ମୁଖ୍ୟମନ୍ତ୍ର ନିର୍ଦ୍ଦେଶ ଦେଇଛନ୍ତି ୮୦ ପ୍ରତିଶତ ସ୍ଥାନୀୟ ଯୁବକମାନଙ୍କୁ ଚାକିରି ଦିଆଯାଇ। ସେପରେ ସମ୍ବଲପୁର ବିଧାୟକ କଳନାରାୟଣ ମିଶ୍ର ଓ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ୍ କମ୍ପାନି ଉପରେ ଅସନ୍ତୋଷ ଦେଖାଇଛନ୍ତିଷ୍ଠ କଳନାରାୟଣ ଆଜି କମ୍ପାନିମାନଙ୍କ ବିରୁଦ୍ଧରେ ବିଷ୍ଫୋରକ ବୟାନ ଦେଇଛନ୍ତିଷ୍ଠ ସେ କହିଛନ୍ତି କମ୍ପାନିଗୁଡ଼ିକ ସ୍ଥାନୀୟ ନିଯୁକ୍ତିରେ ଅବହେଳା କରିଛନ୍ତି। ମୁଁ ମନ୍ତ୍ରୀ ଥିବା ବେଳେ ଏକ ଫାଇଲ ପଠାଇଥିଲି। ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ଦିଆଯାଉଛ ସରକାରୀ ନିୟମକୁ ଏଠିକାର କମ୍ପାନି କର୍ତ୍ତୃପକ୍ଷ ଜଳାଞ୍ଜଳି ଦେଇ ଦେଇଛନ୍ତି। ଲୌଣସି ଜଳକାରଖାନା ସ୍ଥାନୀୟ ନିଯୁକ୍ତି ଦେଉନାହାନ୍ତି। ଏପରିକି ସ୍ଥାନୀୟ ଲୋକଙ୍କୁ ଝାଡୁଦାର ଚାକିରି ମଧ୍ୟ ଦେଉନାହାନ୍ତି।

ଏପ୍ରିଲ୍‌ରୁ ଓଡ଼ିଶାରେ ଜନଗଣନାର ପ୍ରଥମ ପର୍ଯ୍ୟାୟ

ଭୁବନେଶ୍ୱର,୨୭/୧(ନି/ପ୍ର):ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଜନଗଣନା ଏପ୍ରିଲରୁ ଆରମ୍ଭ ହେବ। ଜନଗଣନା କାର୍ଯ୍ୟ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଦ୍ୱିତୀୟ ପର୍ଯ୍ୟାୟ ଫେବୃଆରି ୨୦୨୭ ରୁ ଆରମ୍ଭ ହେବ। ସରକାରୀ ସୂତ୍ର ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ୧୬ ଏପ୍ରିଲ୍ ଏବଂ ୧୫ ମେ' ୨୦୨୬ ମଧ୍ୟରେ ୩୦ ଦିନ ଭିତରେ ଘର ତାଲିକାକରଣ କାର୍ଯ୍ୟ ଓ ଜନସଂଖ୍ୟା ଗଣନା କରାଯିବ। ୧୫ ଦିନର ଆତ୍ମଗଣନା ବିଳମ୍ବ ୧ ଏପ୍ରିଲ୍ ରୁ ୧୫ ଏପ୍ରିଲ୍ ୨୦୨୬ ମଧ୍ୟରେ ରହିବ। ଦ୍ୱିତୀୟ ପର୍ଯ୍ୟାୟରେ, ଫେବୃଆରି-ମାର୍ଚ୍ଚ ୨୦୨୭ରେ ଜନସଂଖ୍ୟାଗତ ବିବରଣୀ ସହିତ ଜନସଂଖ୍ୟା ଗଣନା କରାଯିବ। ଗୃହ ତାଲିକାଭୁକ୍ତ କାର୍ଯ୍ୟ ୧ ଏପ୍ରିଲ୍ ରୁ ୩୦ ସେପ୍ଟେମ୍ବର ମଧ୍ୟରେ ଦେଶର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ କରାଯିବ। ଗୃହ ତାଲିକା ଆରମ୍ଭ ହେବାର ଠିକ୍ ପୂର୍ବରୁ ପନ୍ଦର ଦିନ ମଧ୍ୟରେ ଆତ୍ମଗଣନା ପାଇଁ ଏକ ବିକଳ୍ପ ମଧ୍ୟ ରହିବ। ଏହି କାର୍ଯ୍ୟ ପାଇଁ ସାରା ରାଜ୍ୟରେ ପ୍ରାୟ ଏକ ଲକ୍ଷ ଜନଗଣନା ଗଣନାକାରୀଙ୍କୁ ନିଯୁକ୍ତ କରାଯିବ। ଜଣେ ଗଣନାକାରୀଙ୍କୁ ପ୍ରାୟ ୨୦୦ ପରିବାରର ଦାୟିତ୍ୱ ଦିଆଯିବ। ଜଣେ ପର୍ଯ୍ୟବେକ୍ଷକ ଛଅ ଜଣ ଗଣନାକାରୀଙ୍କ କାର୍ଯ୍ୟ ତଦାରଖ କରିବେ। ପ୍ରତ୍ୟେକ ଗଣନାକାରୀଙ୍କୁ ସେମାନଙ୍କ ସେବା ପାଇଁ ୨୫,୦୦୦ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ମିଳିବ।

ଚିକଲଖଣ୍ଡି ଗ୍ରାମରେ ବୋମାମାଡ

ଛତ୍ରପୁର,୨୭/୧(ନି/ପ୍ର): ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ଅନ୍ତର୍ଗତ ଚିକଲଖଣ୍ଡି ଗ୍ରାମରେ ଗତକାଲି ବିକାଳିତ ରାତ୍ରରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଘରେ ସମସ୍ତେ ଶୋଇଥିବା ବେଳେ ଘର ଉପରକୁ ବୋମାମାଡ଼ ହୋଇଛି ଏ ସୂଚନା ଅନୁଯାୟୀ ଚିକଲଖଣ୍ଡି ଗ୍ରାମର ଜି. କାମରାଜୁ ରେଡ଼ିଙ୍କ ଘରେ ଗତକାଲି ବିକାଳିତ ରାତ୍ରରେ କେହି ବୋମାମାଡ଼ କରିଥିଲେ। ଘରେ ଜି. କାମରାଜୁ ତାଙ୍କ ପରିବାର ସହ ଶୋଇଥିବା ବେଳେ କେହି ଦୁର୍ଭୁତ ଏଭଳି କାଣ୍ଡ ଘଟାଇଛନ୍ତି । ଘରର ପଛ ପଟୁ ବୋମା ମାଡ଼ କରାଯାଇଥିବା ବେଳେ କାନ୍ଥ ଭାଙ୍ଗି ଯାଇଛି । ତେବେ ବୋମା ମାଡ଼ର କାରଣ ଅଜ୍ଞାତ ରହିଛି ।

ଆଜି ଓଡିଶା ବନ୍ଦ : କଂଗ୍ରେସର ସମର୍ଥନ ..

ଭୁବନେଶ୍ୱର,୨୭/୧(ନି/ପ୍ର):୨୮ ଜାନୁଆରୀ ୨୦୨୬ ଓଡ଼ିଶାରେ ଏକ ରାଜ୍ୟସ୍ତରୀୟ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ମୁଖ୍ୟତଃ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ କରାଯାଇଛି ଏବଂ ଏହାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମର୍ଥନ କରିଛି। ବନ୍ଦର ସମୟ ସକାଳ ୬ଟା ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ । ବନ୍ଦର ପ୍ରମୁଖ କାରଣ ଚାଷୀ ସମସ୍ୟା ରହିଛି ଧାନ କ୍ରୟରେ ଅନିୟମିତତା ବିରୋଧରେ ଏବଂ ଚାଷୀଙ୍କୁ କୁଇଟାଲ ପିଛା ୮୦୦ ଟଙ୍କା ବୋନସ ଦେବା ଦାବିରେ । ଦ୍ୱିତୀୟ କାରଣ ବିଦ୍ୟୁତ୍ ଶୁଳ୍କ ରାଜ୍ୟରେ ସ୍ମାର୍ଟ ମିଟର ଲଗାଯିବା ଏବଂ ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ବିରୋଧ କରି । ଏବଂ ପରିବହନ କରିମାନା ପ୍ରଦୂଷଣ ପ୍ରମାଣପତ୍ର ନଥିବା ଗାଡ଼ି ଉପରେ ମୋଟା ଅଙ୍କର କରିମାନା ଆଦାୟକୁ ବିରୋଧ କରି । କ'ଣ ପ୍ରଭାବିତ ହୋଇପାରେ ? ଯାତାୟାତ ବସ୍, ଅଟୋ ଏବଂ ଟ୍ୟାକ୍ସି ଚଳାଚଳ ବାଧାପ୍ରାପ୍ତ ହୋଇପାରେ । ବିଭିନ୍ନ ସ୍ଥାନରେ ରାସ୍ତା ରୋକ ହେବାର ସମ୍ଭାବନା ଅଛି । ଦୋକାନ ବଜାର , ସହରର ମୁଖ୍ୟ ବଜାର

ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ରହିପାରେ । ଶିକ୍ଷାନୁଷ୍ଠାନ, କେତେକ ଘରୋଇ ସ୍କୁଲ ଓ କଲେଜ ସୁରକ୍ଷା ଦୃଷ୍ଟିରୁ ଛୁଟି ଘୋଷଣା କରିପାରନ୍ତି। ତେବେ ସରକାରୀ ସ୍ତରରେ କୌଣସି ଛୁଟି ଘୋଷଣା ହୋଇନାହିଁ । ଜରୁରୀକାଳୀନ ସେବା ଆମ୍ବୁଲାନ୍ସ, କ୍ଷୀର ଗାଡ଼ି ଏବଂ ଡାକ୍ତରଖାନା ଭଳି ଜରୁରୀକାଳୀନ ସେବା ଏହି ବନ୍ଦରୁ ମୁକ୍ତ ରହିବ।

ବରଫ ଝଡ଼ ଯୋଗୁ ଦୁର୍ଘଟଣାଗସ୍ତ ହେଲା ଆମେରିକାର ଘରୋଇ ବିମାନ : ୭ ମୃତ

ୱାଶିଙ୍ଗଟନ,୨୭/୧ : ବରଫ ଝଡ଼ ଯୋଗୁ ଦୁର୍ଘଟଣାଗସ୍ତ ହେଲା ଆମେରିକାର ଘରୋଇ ବିମାନ । ୭ ଜଣଙ୍କ ମୃତ୍ୟୁ, ଜଣେ ଗୁରୁତର । ମାଇନ ୱାଙ୍ଗର୍ ଆନ୍ତର୍ଜାତୀୟ ବିମାନବନ୍ଦରରେ ଘରୋଇ ବ୍ୟବସାୟିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ୭ ଜଣ ଲୋକଙ୍କ ମୃତ୍ୟୁ ହୋଇଛି ଏବଂ ଜଣେ ଚାଳକ ସଦସ୍ୟ ଗୁରୁତର ଅଛନ୍ତି ବୋଲି ଫେଡେରାଲ୍ ଏଭିଏସନ୍ ଆଡମିନିଷ୍ଟ୍ରେସନ୍ କହିଛି । ବୟାର୍ଡିୟର୍ ଟାଲେଷ୍ଟାର ୬୦୦ ବିମାନରେ ୮ ଜଣ ଯାତ୍ରୀ ଥିଲେ । ଗତକାଲି ରାତିରେ ଉଡାଣ ଭରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଯେତେବେଳେ ନ୍ୟୁଜର୍ସିଲଣ୍ଡ ଏବଂ ଦେଶର ଅନେକ ଅଞ୍ଚଳରେ ଏକ ବିଶାଳ ଶୀତ ଝଡ଼ ଚାଲିଥିଲା । ବୋଷ୍ଟନ୍‌ଠାରୁ ପ୍ରାୟ ୨୦୦ ମାଇଲ୍ ଉତ୍ତରରେ ଥିବା ଏହି ବିମାନବନ୍ଦରରେ ଦୁର୍ଘଟଣା ହୋଇଥିଲା । ଫେଡେରାଲ୍ କର୍ତ୍ତୃପକ୍ଷ ଏବଂ ଏୟାର୍ ଟ୍ରାଫିକ୍ କଣ୍ଟ୍ରୋଲର୍ ରେକର୍ଡିଙ୍କ୍ ଅନୁଯାୟୀ, ଟେକ୍‌ଅଫ୍ ଚେଷ୍ଟା କରିବା ସମୟରେ ଜେଟ୍‌ଟି ଓଲଟି ପଡ଼ି ଜଳି ଯାଇଥିଲା । ବିମାନଟି ରାତି ପ୍ରାୟ ୭ ଟା ୪୫ରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଫେଡେରାଲ୍ ଏଭିଏସନ୍ ଆଡମିନିଷ୍ଟ୍ରେସନ୍ ଏବଂ ନ୍ୟାଶନାଲ୍ ଟ୍ରାନ୍ସପୋର୍ଟେସନ୍ ସେଫ୍‌ଟି ବୋର୍ଡ ଏହି ବିମାନ ଦୁର୍ଘଟଣାକୁ ତଦନ୍ତ କରୁଛନ୍ତି।

ଆଜି ଶ୍ରୀଜୀଉଙ୍କ 'ବନକଲାଗି' ନୀତି

ପୁରୀ,୨୭/୧(ନି/ପ୍ର): ଶ୍ରୀମନ୍ଦିରରେ ଆସନ୍ତାକାଲି (ବୁଧବାର) ମହାପ୍ରଭୁଙ୍କ ସ୍ୱତନ୍ତ୍ର 'ବନକଲାଗି' ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି । ମହାପ୍ରଭୁଙ୍କ ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ କିଛି ଘଟଣ ପାଇଁ ସାଧାରଣ ଦର୍ଶନ ବନ୍ଦ ରହିବ । ବନକଲାଗି ହେଉଛି ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ସେବା । ଦନମହାପାତ୍ର ସେବକମାନେ ପାରମ୍ପରିକ ପ୍ରାକୃତିକ ରଙ୍ଗ ଯଥା – ହିଙ୍ଗୁଳ, ହରିତାଳ, ଶଙ୍ଖ, କସ୍ତୁରୀ ଓ ଜଳା ବ୍ୟବହାର କରି ମହାପ୍ରଭୁଙ୍କ ଶ୍ରୀମୁଖକୁ ଉଜ୍ଜ୍ୱଳ କରିଥାନ୍ତି । ଏହାଦ୍ୱାରା ମହାପ୍ରଭୁଙ୍କ ଶ୍ରୀମୁଖ ପୁଣି ଥରେ ନୂତନ ରୂପ ପାଏ । ସୂତନା ଅନୁଯାୟୀ, ଦ୍ୱିତୀୟ ଭୋଗମଣ୍ଡପ ନୀତି ସରିବା ପରେ ବନକଲାଗି ନୀତି ଆରମ୍ଭ ହେବ । ଏହି ସମୟରେ ପ୍ରାୟ ୩ ରୁ ୪ ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯିବ ।

ଆଜିଠୁ ସଂସଦ ବଜେଟ୍ ଅଧିବେଶନ

ନୂଆଦିଲ୍ଲୀ,୨୭/୧: ସଂସଦରେ ସାଧାରଣ ବଜେଟ୍ ଅଧିବେଶନ ପୂର୍ବରୁ ଆଜି (ମଙ୍ଗଳବାର) ବସିବ ସର୍ବଦଳୀୟ ବୈଠକ । ଆଜି ପୂର୍ବାହ୍ନ ୧୧ଟାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ଅଧିବେଶନ ସମୟରେ ଲଘୁଲୁଥିବା ପ୍ରମୁଖ ପ୍ରସଙ୍ଗ ଉପରେ ହେବ ଆଲୋଚନା । ବଜେଟ୍ ଅଧିବେଶନ ସୁରୁଖୁରୁରେ ଚଳାଇବାକୁ ସମସ୍ତ ରାଜନୈତିକ ଦଳଙ୍କ ସହଯୋଗ ଲୋଡ଼ିବେ ସରକାର । ଏନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜିଜୁ ସବୁ ଦଳର ନେତାଙ୍କୁ ଚିଠି ଲେଖିଛନ୍ତି । ବୁଧବାର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ୨୮ ଜାନୁଆରୀରୁ ଏପ୍ରିଲ ୨ ପର୍ଯ୍ୟନ୍ତ ବଜେଟ୍ ଅଧିବେଶନ ଚାଲିବା । ଏହାର ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୩ ପର୍ଯ୍ୟନ୍ତ ଚାଲିବ । ଫେବୃଆରି ୧ ରେ ବଜେଟ୍ ଉପସ୍ଥାପନ ହେବ । ୨୦୨୬ରେ ପ୍ରଥମ ଥର ରବିବାର ବଜେଟ୍ ଆସିବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କର ଏହା ୮ମ ବଜେଟ୍ ଏବଂ ମୋଦି ସରକାରଙ୍କ ତୃତୀୟ ପାଞ୍ଚିର ଦ୍ୱିତୀୟ ପୂର୍ଣ୍ଣ ବଜେଟ ହେବ । ଲଗାତର ୮ଟି ବଜେଟ ଉପସ୍ଥାପନ କରିଥିବା ଦେଶର ପ୍ରଥମ ଅର୍ଥମନ୍ତ୍ରୀ ହେବେ ନିର୍ମଳା ସୀତାରମଣ ।

ରାଜ୍ୟରେ ବ୍ୟାଙ୍କ ଧର୍ମଘଟ : ୩୭ ହଜାର କର୍ମଚାରୀ ସାମିଲ

ଭୁବନେଶ୍ୱର,୨୭/୧(ନି/ପ୍ର): ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହ ଦାବିରେ ବ୍ୟାଙ୍କ କର୍ମଚାରୀମାନେ ଆଜି ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛନ୍ତି। ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ (ୟୁଏଫ୍‌ବିୟୁ) ଅଧୀନରେ ୯ଟି ବ୍ୟାଙ୍କ କର୍ମଚାରୀ ଓ ଅଫିସର ସଂଘ ଏହି ଧର୍ମଘଟରେ ସାମିଲ ହୋଇଛନ୍ତି। ଦେଶବ୍ୟାପୀ ୮ ଲକ୍ଷରୁ ଅଧିକ କର୍ମଚାରୀ ଏହାର ଅଂଶ ହୋଇଥିବା ବେଳେ ଓଡ଼ିଶାରେ ୩୭ ହଜାରରୁ ଅଧିକ କର୍ମଚାରୀ ଏହି ଧର୍ମଘଟରେ ଯୋଗଦେଇଛନ୍ତି। ଧର୍ମଘଟ ପ୍ରଭାବରେ ସାରା ରାଜ୍ୟରେ ବ୍ୟାଙ୍କ ଶାଖାଗୁଡ଼ିକ ବନ୍ଦ ରହିଛି। ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏଥିରେ ସାମିଲ ହୋଇଥିବା ବେଳେ କିଛି ଘରୋଇ ବ୍ୟାଙ୍କ ମଧ୍ୟ ଏହି ଧର୍ମଘଟକୁ ସମର୍ଥନ ଦେଇଛନ୍ତି। ଆନ୍ଦୋଳନ କରୁଥିବା କର୍ମଚାରୀମାନେ ପିକେଟିଂ କରି ବିଭିନ୍ନ ସ୍ଥାନରେ ଖୋଲାଥିବା ଘରୋଇ ବ୍ୟାଙ୍କ, ସ୍କୁଲ ଫାଇନାନ୍ସ ବ୍ୟାଙ୍କର ଶାଖାଗୁଡ଼ିକୁ ବନ୍ଦ କରାଇଛନ୍ତି। ଏହାର ପ୍ରଭାବରେ ବ୍ୟାଙ୍କ ସେବା ଗୁରୁତର ପ୍ରଭାବିତ ହୋଇଛି। ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଧର୍ମଘଟର ପ୍ରଭାବ ଦେଖିବାକୁ ମିଳିଛି। ବ୍ୟାଙ୍କ ଶାଖାଗୁଡ଼ିକ ସାମ୍ନାରେ କର୍ମଚାରୀମାନେ ବସି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏ ସମ୍ପର୍କରେ ୟୁଏଫ୍‌ବିୟୁ ଓଡ଼ିଶା ଶାଖାର ଆବାହକ ଚିତ ରଞ୍ଜନ ପଣ୍ଡା କହିଛନ୍ତି ଯେ ଆଜିର ଧର୍ମଘଟ ଦ୍ୱାରା ସାରା ରାଜ୍ୟରେ ୧୦ ହଜାର କୋଟି ଟଙ୍କାର ବ୍ୟାଙ୍କ କାରବାର ପ୍ରଭାବିତ ହୋଇଛି। ଚେକ୍ କ୍ଲିୟରିଙ୍ଗ ଓ ନଗଦ କାରବାର ହୋଇପାରିବ ନାହିଁ। ଆଜିର ଧର୍ମଘଟରେ ୟୁଏଫ୍‌ବିୟୁ ଅଧୀନରେ ୫ଟି ସଂଘ ଭାଗ ନେଇଛନ୍ତି। ଏଆଇବିଓସି ଓ ଏଆଇବିଓଏ ଭଳି ଅଫିସର ସଂଘ ଏବଂ ଏଆଇବିଇଏ, ଏନ୍ ?ବିଇ ଓ ବେଫି ଭଳି କର୍ମଚାରୀ ସଂଘ ସାମିଲ ହୋଇଛନ୍ତି। ରାଜ୍ୟରେ ୩୫୦୦ରୁ ଅଧିକ ବ୍ୟାଙ୍କ ଶାଖା ରହିଥିବା ବେଳେ ସେଥିରୁ ପ୍ରାୟ ୧୭୦୦ ହେଉଛି ରାଷ୍ଟ୍ରାୟତ ଉଦ୍ୟୋଗ ବ୍ୟାଙ୍କର ଶାଖା। ସେହି ଶାଖାଗୁଡ଼ିକ ସମ୍ପୂର୍ଣ୍ଣ ବନ୍ଦ ରହିଛି ବୋଲି ସେ କହିଛନ୍ତି। ଧର୍ମଘଟ ଦ୍ୱାରା ଗ୍ରାହକମାନଙ୍କୁ ହେଉଥିବା ଅସୁବିଧା ପାଇଁ ୟୁଏଫ୍‌ବିୟୁ ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଛି। ତେବେ କର୍ମଚାରୀଙ୍କ କାର୍ଯ୍ୟ ଦାବି ପ୍ରତି ସମର୍ଥନ ଜଣାଇବାକୁ ସେ

ଚେକ୍ କ୍ଲିୟରିଂ, ନଗଦ କାରବାର ବାଧାପ୍ରାପ୍ତ,୧୦ ହଜାର କୋଟିର କାରବାର ପ୍ରଭାବିତ

ଗ୍ରାହକମାନଙ୍କୁ ନିବେଦନ କରିଛନ୍ତି। ବ୍ୟାଙ୍କ ଧର୍ମଘଟ ଦ୍ୱାରା ଯଦିଓ ଶାଖାରେ ହେଉଥିବା କାରବାର ବନ୍ଦ ରହିଛି, କିନ୍ତୁ ଡିଜିଟାଲ ବ୍ୟାଙ୍କିଂ ଉତ୍ସଗୁଡ଼ିକରେ କାରବାର ସ୍ୱାଭାବିକ ରହିଛି। ଏଟିଏମ୍‌ଗୁଡ଼ି ଟଙ୍କା ଉଠାଣଠାରୁ ଆରମ୍ଭ କରି ଇଣ୍ଟରନେଟ୍ ବ୍ୟାଙ୍କିଂ, ମୋବାଇଲ୍ ବ୍ୟାଙ୍କିଂ, ଡିଜିଟାଲ ବ୍ୟାଙ୍କିଂ, ଫୋନ୍ ବ୍ୟାଙ୍କିଂ ୟୁନାଇଟେଡ୍‌ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) କାରବାର, ହ୍ୱାଟସ୍‌ଆପ୍ ବ୍ୟାଙ୍କିଂ ଆଦିରେ ସ୍ୱାଭାବିକ ଭାବେ କାରବାର ହେଉଛି। ଶ୍ରୀ ପଣ୍ଡା କହିଛନ୍ତି ଯେ ସଂପ୍ରତି ବ୍ୟାଙ୍କ କର୍ମଚାରୀମାନଙ୍କ ଉପରେ ପ୍ରବଳ କାମ ଚାପ ରହୁଛି। ଅନେକ କର୍ମଚାରୀ ରାତି ୮ଟା-୯ଟା ପର୍ଯ୍ୟନ୍ତ କାମ କରୁଛନ୍ତି। ସରକାର ଚାଳକୁଡ଼ ନୀତି ଗ୍ରହଣ କରୁଛନ୍ତି। ଆର୍ଥିକ କ୍ଷେତ୍ରର ଅନ୍ୟ ସବୁ ସଂସ୍ଥାରେ କର୍ମଚାରୀମାନେ ସପ୍ତାହକୁ ପାଞ୍ଚ ଦିନ କାମ କରୁଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ, ଭାରତୀୟ ଜୀବନ ବୀମା ନିଗମ, ସାଧାରଣ ବୀମା କମ୍ପାନି, ମେଡିକାଲ୍ ବୀମା କମ୍ପାନି, ନାବାର୍ଡ, ସିଡ୍‌ବି ଆଦିରେ କର୍ମଚାରୀମାନେ ସପ୍ତାହକୁ ପାଞ୍ଚ ଦିନ କାମ କରୁଛନ୍ତି। ଆର୍

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

୭୭ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ

କେନ୍ଦୁଝର, ୨୭/୧(ନି/ପ୍ର):୭୭ତମ ସାଧାରଣତନ୍ତ୍ର ଦିବସ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ବୈଜ୍ଞାନିକ ବିଭାଗ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜାତୀୟ ପତାକା ଉତ୍ତୋଳନ କରିବା ସହ ସଶ୍ମିଳିତ ଆନୁଷ୍ଠାନିକ ପ୍ୟାରେଡ୍ ?ରେ ଅଭିବାଦନ ଗ୍ରହଣ କରିଥିଲେ । ନିଜ ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ପାତ୍ର ବିକଶିତ ଭାରତ ଓ ବିକଶିତ ଓଡିଶା ଆମର ସ୍ୱପ୍ନ ଓ ସଂକଳ୍ପ ହେଉ ବୋଲି ଆହ୍ୱାନ ଜଣାଇଥିଲେ । ସମସ୍ତେ ଜଣେ ଜଣେ ଭଲ ନାଗରିକ ହେବା ସହ ଦେଶ ପ୍ରତି ନିଜର କର୍ତବ୍ୟ ପାଳନ କରିବାକୁ ଆହ୍ୱାନ ଜଣାଇଥିଲେ । ଉତ୍‌ବୋଧନ ଛଳରେ ମନ୍ତ୍ରୀ ଶ୍ରୀ ପାତ୍ର ଦେଶର ସ୍ୱାଧୀନତା ପାଇଁ ଅସୀମ ତ୍ୟାଗ କରିଥିବା ଏବଂ ବଳିଦାନ ଦେଇଥିବା ସଂଗ୍ରାମୀ ଓ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ଓ ଦେଶ ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଜଣାଇଥିଲେ । କେନ୍ଦୁଝର ଜିଲ୍ଲାକୁ ବୀର ମାଟି ଭାବେ ଅଭିହିତ କରି ସ୍ୱାଧୀନତା ସଂଗ୍ରାମ କାଳରେ ସଂଗ୍ରାମୀମାନଙ୍କର ଉଚ୍ଚ ଆଦର୍ଶ ଆମ ପାଇଁ ପ୍ରେରଣା ସାଜିଛି ବୋଲି କହିଥିଲେ । ରାଜନୈତିକ ସ୍ୱାଧୀନତା, ସାମାଜିକ ନ୍ୟାୟ, ଗଣତାନ୍ତ୍ରିକ ମୂଲ୍ୟବୋଧ, ଧର୍ମ ନିରପେକ୍ଷତା, ବର୍ଣ୍ଣବିଭେଦୀନ ତଥା ଚାରତମ୍ୟମୁକ୍ତ ସମାଜ ପ୍ରତିଷ୍ଠା ଓ ମାନବାଧିକାର ପ୍ରତି ସମ୍ମାନ ପ୍ରଦର୍ଶନ ଭାରତୀୟ ସମ୍ବିଧାନର ବିଶେଷତ୍ୱ । ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ବିଶ୍ୱାସ ରଖି ଜିଲାରେ ଆତ୍ମବିଶ୍ୱାସ ଆଣିବା ସାଧାରଣତନ୍ତ୍ର ଦିବସର ଅସୁରିତ୍ତା ବୋଲି କହିଥିଲେ । ସଶ୍ମିଳିତ ଆନୁଷ୍ଠାନିକ ପ୍ୟାରେଡ୍ ରେ ୫ଟି ଦଳ ଅଂଶଗ୍ରହଣ କରି ଚିତାକର୍ଷକ ମାର୍ଚ୍ଚପାଷ୍ଟ କରିଥିଲେ ଏବଂ ମୁଖ୍ୟ ଅତିଥି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅଭିବାଦନ ଗ୍ରହଣ କରିଥିଲେ । ୮ଟି ବିଭାଗ ତରଫରୁ ପ୍ରଜ୍ଞାପନ ମେଢ ପ୍ରଦର୍ଶିତ ହୋଇ ବୋଧାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଡାଇକୋଣ୍ଡ ପ୍ରଦର୍ଶନ କରାଯାଇଥିଲା । ବିଚାରର୍ଷକ ପ୍ୟାରେଡ୍ ପାଇଁ ଶ୍ରେଷ୍ଠ ଦଳ ଭାବେ ଏନ୍.?.ସି.ସି. ଡି.ଡି. କଲେଜ୍ କେନ୍ଦୁଝର, ଶ୍ରେଷ୍ଠ ବାଳକ ଦଳ ଭାବେ ଏନ୍.ସି.ସି. ଡି.ଏନ୍. ହାଇସ୍କୁଲ କେନ୍ଦୁଝର, ସିଭିଲିଆନ୍ ସିନିୟର୍ ବର୍ଗରେ ଶ୍ରେଷ୍ଠ ବାଳିକା ଦଳ ଭାବେ ଏଚଲକ୍ସ ଆଦର୍ଶ ଆବଶ୍ୟକ ବିଦ୍ୟାଳୟ,କେନ୍ଦୁଝର, ଶ୍ରେଷ୍ଠ ବାଳକ ଦଳ ଭାବେ ଏନ୍.ଏସ୍. ପୋଲିସ୍ ହାଇସ୍କୁଲ କେନ୍ଦୁଝର ଏବଂ ଜୁନିୟର ବର୍ଗର ଶ୍ରେଷ୍ଠ ବାଳିକା ଦଳଭାବେ ସିଭିଲିଆନ ଡି. ଏ. ଭି ପବ୍ଲିକ୍ ସ୍କୁଲ, କେନ୍ଦୁଝର, ଏବଂ ଶ୍ରେଷ୍ଠ ବାଳକ ଦଳ ଭାବେ, ରବିନ୍ଦ୍ର ବିଦ୍ୟାନିକେତନ କେନ୍ଦୁଝରକୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଥିଲେ । ପ୍ରଜ୍ଞାପନ ମେଢ ପ୍ରଦର୍ଶନ କ୍ଷେତ୍ରରେ ପ୍ରକଳ୍ପ ନିର୍ଦ୍ଦେଶକ ମୃଣିକା କୁମାରୀ ଜଣ ଜଣ ବିଭାଜିକା, କେନ୍ଦୁଝର, ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ, ଉଦ୍ୟାନ କୃଷି ବିଭାଗ କେନ୍ଦୁଝର ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କେନ୍ଦୁଝରକୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲାପାଳ ବିଶାଲ ସିଂହ ଏବଂ ଆରକ୍ଷୀ ଅଧିକ୍ଷକ ନୀତିନ କୁଲକଳର୍ଣ୍ଣି ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଉପସ୍ଥିତ ରହି ଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ସମାରୋହର ପରିଚାଳନା କରିଥିଲା ବେଳେ ଆ ?.ଆର.ଅଫ୍ ପୋଲିସ୍ ଶ୍ରୀ ମାନସ କୁମାର ବେହେରା ସଶ୍ମିଳିତ ଆନୁଷ୍ଠାନିକ ପ୍ୟାରେଡର ନେତୃତ୍ୱ ନେଇଥିଲେ । ବନଙ୍ଗଳ ଧିକାରୀ ଶ୍ରୀ ଧନରାଜ ଏଚ୍.?.ଡି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାରାକୁଷଣ, କେନ୍ଦୁଝର ଉପ-ଜିଲ୍ଲାପାଳ ଶ୍ରୀ ଜମାଶଙ୍କର ଦଳାଇ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ପବିତ୍ର କୁମାର ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ବିନୋଦ ବିହାରୀ ମିଶ୍ରୀ, କେନ୍ଦୁଝର ପୌରପାଳିକା ନିର୍ବାହୀ ଅଧିକାରୀ ଶ୍ରୀ ଲଳିତ କୁମାର ନାୟକ, ଜୀତା ପ୍ରଶିକ୍ଷକ ଶ୍ରୀ ଜିତେନ୍ଦ୍ର ମହାଭୁତଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନଧି, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ଥିଲେ । ମଧ୍ୟାହ୍ନରେ କେନ୍ଦୁଝର ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚରେ ପୋଲିସ ଏକାଦଶ ବିଜୟୀ ହୋଇଥିଲା । ମିଳନୀ ସାହିତ୍ୟ ସଂସଦ ସହଯୋଗରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ କେନ୍ଦୁଝର ଅଡିଟୋରିୟମ୍ ?ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟୁଷରେ ସହରରେ ରାମଧୂନ ପ୍ରଚାର କରାଯିବା ସହିତ ସକାଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରୀ କରାଯାଇଥିଲା । ମୁଖ୍ୟ ଅତିଥିଙ୍କ ଦ୍ୱାରା ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କର ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଅନୁଶୀ କୃଷ୍ଣ ଭାବେ କେନ୍ଦୁଝର ଉପଖଣ୍ଡର ବଂଶୀଧର ମହାନ୍ତ, ଆନନ୍ଦପୁର ଉପଖଣ୍ଡର ଜାହୁ ଚରଣ ପରିଡା, ଚମ୍ପୁଆ ଉପଖଣ୍ଡର ସୁରେଶ ଚନ୍ଦ୍ର ଭୂବାଦାଃ, ଶ୍ରେଷ୍ଠ ଜ୍ରାତାବିତ୍ ଭାବେ ସୁଶ୍ରୀ ସଂଯୁକ୍ତା ଦାସ, ଶ୍ରେଷ୍ଠ ମହିଳା ଫୁଟବଲ ଖେଳାଳି ଭାବେ ସୁଶ୍ରୀ ସୁବର୍ଣ୍ଣିକା ଚାମ୍ପିଆ, ଆଦର୍ଶ ଆଶାକର୍ମୀ ଭାବେ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କୁଜୀ ସ୍ୱାଇଁ, ଅନ୍ତ୍ରୀଣୀ ମାଣ୍ଡିଆ ଚାଷୀ ଭାବେ ସତ୍ୟବ୍ରତ ମହାନ୍ତ, ଶ୍ରେଷ୍ଠ ବୁଲ ଭାବେ କେନ୍ଦୁଝର ସଦର ବ୍ଲକ୍ ?, ଶ୍ରେଷ୍ଠ ଚହଲିଲ ଭାବେ ହରିଚାନ୍ଦନପୁର ଚହଲିଲ, ଶ୍ରେଷ୍ଠ ଥାନା ଭାବେ ଟାଙ୍ଗନ ଥାନା କେନ୍ଦୁଝରକୁ ପୁରସ୍କୃତ କରାଯାଇଥିଲା ।

କେନ୍ଦୁଝରଠାରେ ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ

କେନ୍ଦୁଝର, ୨୭/୧(ନି/ପ୍ର): ଜିଲ୍ଲାସ୍ତରୀୟ ୧୬ତମ ଜାତୀୟ ମତଦାତା ଦିବସ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ବରବାଟାରେ ହଇଠାରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୁତିଶୋଭ ସିଂହଙ୍କ ନିର୍ଦ୍ଦେଶକ୍ରମେ ସଂଯୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦଧର ମହାଳିକ ଯୋଗ ଦେଇ ଜାତୀୟ ମତଦାତା ଦିବସ ଏବଂ ଗଣତନ୍ତ୍ରରେ ମତଦାନର ଗୁରୁତ୍ୱ ସମ୍ବନ୍ଧରେ ଆଲୋଚପାତ କରିଥିଲେ । ସଶ୍ମାନିତ ଅତିଥି ଭାବେ କେନ୍ଦୁଝର ଉପଜିଲ୍ଲାପାଳ ଶ୍ରୀ ଜମାଶଙ୍କର ଦଳାଇ, ଅତିରିକ୍ତ ଉପ ଜିଲ୍ଲାପାଳ ଶ୍ରୀମତୀ ପୁନମ ବିଦିତା ବାଗେ, ଡେପୁଟି କଲେକ୍ଟର ଶ୍ରୀ ବିକାଶ ଚନ୍ଦ୍ର ସାହୁ, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବରିହା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ସଭା ସଂଯୋଜନା କରିଥିଲେ । ଏହି ଅବସରରେ ନୂତନଭାବେ ଭୋଟରରୂପେ ସଂଭୀକୃତ ହୋଇଥିବା ଯୁବକ ଜାତୀୟ ମତଦାତା ଦିବସ ଏବଂ ଯୁବତୀ ମାନଙ୍କୁ ଭୋଟର ପରିଚୟ ପ୍ରଦାନ କରାଯାଇଥିଲା । ମତଦାନର ଗୁରୁତ୍ୱକୁ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ପ୍ରଚାର ପ୍ରସାର କରିବା ନିମନ୍ତେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା ଏବଂ ମତଦାନର ଶପଥପାଠ କରାଯାଇଥିଲା । ସକାଳେ ଏକ ଭୋଟର ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା । ଏହାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ ପତାକା ପ୍ରଦର୍ଶନ କରି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସହକାରୀ ଜିଲ୍ଲାପାଳ (ନିର୍ବାଚନ) ସନ୍ତୋଷ କୁମାର ପରିଡ଼ା ପରିଚାଳନା କରିଥିଲା ବେଳେ ବରିଷ୍ଠ ରାଜସ୍ୱ ସହାୟକ ପାର୍ଥସାରଥୀ ନାୟକ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

ପ୍ରଭୁ ନୀଳକଣ୍ଠେଶ୍ୱରଙ୍କ ମକର ମେଳା ଜମୁଛି ହଜାର ହଜାର ଭକ୍ତଙ୍କ ସମାଗମ

କେନ୍ଦୁଝର, ୨୭/୧(ନି/ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ବାରହାଟିପୁରା ଠାରେ ପୂଜାପାଉଥିବା ବାବା ନୀଳକଣ୍ଠେଶ୍ୱର ମନ୍ଦିର ପାଚ ଦେଶରେ ଆଉନ୍ତ ହୋଇଯାଇଛି ଐତିହାସିକ ମକରମେଳା । ଶହ ଶହ ଦୋକାନ ଧାଡ଼ିକି ଧାଡ଼ି ବସିଛି । ମେଳାପ୍ରେମୀ ମାନଙ୍କର ଭିଡ ଜମୁଛି । ଘଟଗାଁ ପୋଲିସ ପ୍ରଶାସନ ଓ ଚେକିଙ୍କୋଟ ସ୍ପେଶ୍ ବ୍ଲକ ତରଫରୁ ମିଡିଆ ହାଉସ୍ ଲୋକ ମାନଙ୍କୁ ସୁରକ୍ଷା ଓ ସମ୍ପର୍କ ଯୋଡୁଛନ୍ତି । ମନ୍ଦିର କମିଟି, ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ, ସରପଂଚ, ସମାଜସେବୀ ମାନେ ଶାରିଶୃଙ୍ଖଳା ଉପରେ ଗୁରୁତ୍ୱ ଦେଉଛନ୍ତି । ମନୋରଞ୍ଜନ ପାଇଁ ଅପେରା ଶୋ ଆସରା ୨୩ ତାରିଖ ଠାରୁ ଆରମ୍ଭ ହେବ । ତତ ସହିତ ଦୋଳି, ମୀନାବଜାର ମେଳାପ୍ରେମୀଙ୍କୁ ଖୁସି କାଂଚୁଛି । ରାତି ପାର୍କି ପାଇଁ ସୁନ୍ଦର ସୁରକ୍ଷିତ ବ୍ୟବସ୍ଥା ହୋଇଛି । ଭୋଗ ଦୋକାନ ଲମ୍ବା ଲାଇନରେ ହୋଇଛି । ଆଗକୁ ଆହୁରି ୧୫ ଦିନ ମେଳା ଜମିବ । ମେଳାରେ ପରସ୍ପର ମଧ୍ୟରେ ସୁସମ୍ପର୍କ, ଭାଇଚାରା ଦେଖିବାକୁ ମିଳୁଛି ।

ଏରେଣ୍ଡେଇରେ ଉଦଘାଟନ ହେଲା ମାଣ୍ଡିଆ ମଣ୍ଡି

କେନ୍ଦୁଝର,୨୭/୧(ନି/ପ୍ର): ପାଟଣା ବ୍ଲକ ଏରେଣ୍ଡେଇ ଠାରେ ଆଜି ଶ୍ରୀ ଅନ୍ନ ଯୋଜନାରେ ମାଣ୍ଡିଆ ମଣ୍ଡି ଉଦଘାଟିତ ହୋଇଯାଇଛି । ଉଦଘାଟନି କାର୍ଯ୍ୟକ୍ରମରେ ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂଜାପାଠ କରି ମଣ୍ଡିର ଶୁଭ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମ ରେ ସଶ୍ମାନୀୟ ଅତିଥି ଭାବେ ପାଟଣା ବିଧାୟକଙ୍କ ପ୍ରତିନିଧି କମଳା କାନ୍ତ ଦାଶ, ଘଟଗାଁ କୃଷି ଜିଲ୍ଲା ଅଧିକାରୀ କବିତା ବେହେରା, ପାଟଣା ବ୍ଲକ କୃଷି ଅଧିକାରୀ ବର୍ଷା ବୈଶାଳୀ, ଜିଲ୍ଲା ପରିଷଦ ସଦସ୍ୟା ବ୍ରୁତୁ ମହାନ୍ତ, ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ବିଶ୍ୱନାଥ ନାୟକ, ମୁଖ୍ୟଖୋରୀ ସରପଂଚ ଭାମାମଣି ଦାସ,ବ୍ଲକ ଯୋଗାଣ ଅଧିକାରୀ ବିଦ୍ୟାଧର ଭୋଇ, ସ୍ୱେଚ୍ଛାସେବୀ ସଂଗଠନ ଭାରତ ର ସମ୍ପାଦକ ନବକିଶୋର ମିଶ୍ର, ଭାରତ ସଂଗଠନର ଅଂଚଳ ଅଧିକାରୀ ଶିବନାଥ ପ୍ରଧାନ, ଶ୍ରୀ ଅନ୍ନ ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ ସହ ସଂଯୋଜକ ସମୀର କୁମାର ଦାଶ, ଶ୍ରୀ ବଳଭଦ୍ର ଏଫ ପି ସି ଏଲ ର ମୁଖ୍ୟ ବୀନକୃଷ୍ଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଉପସ୍ଥିତ ଅତିଥି ମାନେ ମାଣ୍ଡିଆ ଜାତ ଖାଦ୍ୟ ର ବହୁଳ ବ୍ୟବହାର ଓ ତାର ଉପକାରୀତା ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ମାଣ୍ଡିଆ ଏକ ଲାଭଜନକ ଚାଷ ହୋଇଥିବା ବେଳେ ମାଣ୍ଡିଆ ଚାଷ ର ପ୍ରଣାଳୀ ଓ ଏହାର ବିକ୍ରି ପାଇଁ ମଣ୍ଡି ସୁବିଧା ଥିବା ବିଷୟରେ ଉପସ୍ଥିତ ଚାଷୀ ମାନଙ୍କୁ ଅବଗତ କରିଥିଲେ ।ଏରେଣ୍ଡେଇ ଠାରେ ଆଜି ଉଦଘାଟିତ ହୋଇଥିବା ମାଣ୍ଡିଆ ମଣ୍ଡିରେ ମାଣ୍ଡିଆ ବିକ୍ରୀ କରିବା ସହିତ ଏହା କ୍ଲଙ୍କଟାଲ ପିଛା ୪ହଜାରା ଶହ ୮୬ଟଙ୍କା ଦରରେ ଚାଷୀଙ୍କୁ ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରାଯିବ ବୋଲି କୃଷି ଅଧିକାରୀ ସୂଚନା ଦେଇଥିଲେ । ଶ୍ରୀ ବଳଭଦ୍ର ଏଫ ପି ସି ଏଲ ଏହି ମାଣ୍ଡିଆ କୁ କିଣିବା ପାଇଁ ଅଧିକାର ପ୍ରାପ୍ତ ହୋଇଥିବା ବେଳେ ଚାଷୀମାନେ ଏହାର ସୁଫଳ ନେବା ପାଇଁ ପରାମର୍ଶ ଦେଇଥିଲେ । ସ୍ୱେଚ୍ଛାସେବୀ ସଂଗଠନ ଭାରତ ସଂସ୍ଥା ସହଯୋଗ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ପାର୍ଥସାରଥୀ ବେଜ କାର୍ଯ୍ୟକ୍ରମରେ ମଂଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ରେ କୃଷି ଅଧ୍ୟ ବର୍ଣ୍ଣକ ଦୁର୍ଗା ଚରଣ ତ୍ରିପାଠୀ, ଅଭୟ ରାଉତ, ବଳଭଦ୍ର ସେଠୀ, ଚାପ୍ତିଗାଣୀ ମହାନ୍ତ, ବମସରି ମହାନ୍ତ, କୃଷି ଗ୍ରାମ ସେବକ ଇନ୍ଦ୍ରଜିତ ପୁହାଣ, ଧରଣୀଧର ଜିଷାନ, ପ୍ରତିପ୍ରଭା ନାଏକ, ଶ୍ରୀଅନ୍ନ ଯୋଜନା ର ବ୍ଲକ ସଂଯୋଜକ ତ୍ରିଲୋଚନ ମହାନ୍ତ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ ।

ସୁଭଦ୍ରାଦେଇପୁରରେ ମାଗେ ପରବ ସମ୍ପନ୍ନ

କେନ୍ଦୁଝର,୨୭/୧(ନି/ପ୍ର):ବଣ୍ଟୁଆ ବ୍ଲକ ଭଣ୍ଡା ଘଟାୟତ ଅନ୍ତର୍ଗତ ସୁଭଦ୍ରାଦେଇପୁର ଗ୍ରାମ ମୁଣ୍ଡା ସାହିରେ 'ହୋ ବୁଢୁଗେର ସୁମୁ ଆଜାଲ'ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ୬୩ ବାର୍ଷିକ ମାଗେ ପରବ ଉତ୍ସବ ତିନି ଦିନ ଧରି ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ଠାରୁ ୩ ଦିନ ବ୍ୟାପୀ ହୋ ମୁଣ୍ଡା ସମ୍ପ୍ରଦାୟର ନୃତ୍ୟ ସଂଗୀତ ଦଳ ଗ୍ରାମ ସୁଭଦ୍ରାବେଇପୁର ସହିତ ଯାମନାଜିଆ, ଜୁଏପଣ୍ଡି, ରଙ୍ଗାମାଟିଆ, ପୋଖରୀଆ ଇତ୍ୟାଦି ଗ୍ରାମର ପୁରୁଷ ମହିଳା ଦଳ ନୃତ୍ୟ ସଂଗୀତ ପରିବେଷଣ କରିଥିଲେ । ଉତ୍ସବାପନ ଦିବସ ରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ପୂର୍ବତନ ଜିଲ୍ଲା ବିଜେପି ଉପସଭାପତି ଗଣେଶ୍ୱର ମହାନ୍ତ, ସଶ୍ମାନିତ ଅତିଥି ବକ୍ତା ଭାବେ ରାଇମୁଣ୍ଡା ମଣ୍ଡଳ ବିଜେପି ପୂର୍ବତନ ସଭାପତି ବାବୁ ସେଠୀ, ବିଦେକାନନ୍ଦ ଶିକ୍ଷକ କେନ୍ଦ୍ରର ବ୍ୟାରମେନ ଶତ୍ରୁଘ୍ନ ସେଠୀ, ବଳଭଦ୍ର ମହାନ୍ତ, ଯୁବ ସମାଜସେବୀ ଓମ ପ୍ରକାଶ ସାହୁ ପ୍ରମୁଖ ଯୋଗ ଦେଇ ନୃତ୍ୟ ସାଂସ୍କୃତିକ ଦଳ ମାନଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ସଂସ୍କୃତି ଓ ପରମ୍ପରାକୁ ବଂଚାଇ ରଖିବାକୁ ଦିଗଦର୍ଶନ ଦେଇ ନାଚ ଗୀତ ସଂସ୍କୃତିକୁ ବଂଚାଏ । ସଂସ୍କୃତି ବଂଚାଇବା ସହିତ ଯୁବ ସମାଜ ଗାଁର ବିକାଶ ମୂଳକ କାର୍ଯ୍ୟରେ ମନୋନିବେଶ କରି ଆଗେ ଯୁସପଯୋଗୀ ହେବାକୁ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଥମେ ଗ୍ରାମର ମହିଳାମାନେ ଅତିଥି ମାନଙ୍କୁ ବନ୍ଦାପନା କରି ଆବିବାସୀ ନୃତ୍ୟର ତାଳେ ତାଳେ ପରସାଡ଼ା କରି ଉତ୍ସବ ସ୍ଥଳକୁ ପାଛୋଟି ନେଇ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ଅତିଥିମାନେ ଦେବୀ ସରସ୍ୱତୀ, ପ୍ରଭୁ ଶ୍ରୀଗଣେଶ ଓ ଭଗବାନ ବିର୍ସା ମୁଣ୍ଡାଙ୍କ ଫଟୋ ଚିତ୍ରରେ ଧୂପ ପ୍ରଦୀପ ଦେଇ ସଭାକାର୍ଯ୍ୟ ଶୁଭାରମ୍ଭ କରିଥିଲେ । ସଭାକୁ ଯୁବ ଭାଷ୍ୟକାର ଡୋମ୍ପାନ କୁମାର ପାତ୍ର ସଂଯୋଜନା କରିଥିବା ବେଳେ ଶତ୍ରୁଘ୍ନ ସେଠୀ ସ୍ୱାଗତ ସମ୍ବାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭା ପରେ ଅତିଥିମାନେ ମାଗେ ପରବ ନୃତ୍ୟରେ ସାମିଲ ହୋଇ ନୃତ୍ୟ ଦଳ ଓ ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଲକ୍ଷ୍ମଣ ପୂର୍ତୀ, ସମ୍ପାଦକ ବୀରେନ୍ଦ୍ର ପୂର୍ତୀ, ସଦସ୍ୟ ହେମନ୍ତ ମହାରଣା, ରୀତାରାଣୀ ମହାରଣା, ସୁଗ୍ରୀବ ମୁଣ୍ଡା, କମଳାକାନ୍ତ ମହାରଣା, ମନୋରଞ୍ଜନ ମୁଣ୍ଡା, ଘାସିରାମ ମୁଣ୍ଡା, ଦୁଲା ମୁଣ୍ଡା, ଗଗନ ମୁଣ୍ଡା, ରାଧେ ମୁଣ୍ଡା, ପଦ୍ମିନୀ ମୁଣ୍ଡା, ଯଶୋବନ୍ତୀ ପୂର୍ତୀ, ସସ୍ତିତା ମହାରଣା, ରଞ୍ଜିତା ମହାରଣା, ପାର୍ବତୀ ହେମ୍ବ୍ରମ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ମାଗେ ପରବ ନୃତ୍ୟ ସଂଗୀତ କୁ ଉପଭୋଗ କରିବା ପାଇଁ ଗ୍ରାମ ତଥା ଅଂଚଳକୁ ହଜାର ହଜାର ଜନ ସାଧାରଣ ପୁରୁଷ ମହିଳା ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସରସ୍ୱତୀ ପୂଜା ଓ ମାତୃ ସମ୍ମିଳନୀ

ବିବିଧ୍ୟା

ରାଶି ଫଳ

ମେଷ: ଆର୍ଥିକ ସମସ୍ୟା ହେଲା ଦେବ। ବିଳାସରେ ରହିବେ ଏବଂ ମୋଟ ଜମିକି ସମସ୍ୟା ହେଲା ଦେବ। ଆଜିକି କାର୍ଯ୍ୟ ଆରମ୍ଭକରି କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହେଲାଦେବ।

ବୃଷ: ପାରିବାରିକ ଜୀବନ ସୁଖମୟ ରହିବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ଜଳବାୟୁକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ନିଜେଶ୍ରମ କରିବା ପାଇଁ ଉପଯୁକ୍ତ ସମୟ।

ମିଥୁନ: ଭାଇଭଉଣୁଙ୍କ ନେଇ ଚିନ୍ତାରେ ରହିବେ। ମଣିଷମାନ ପାଇଁ ସମୟ ବଳାଇବା କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ଅପିଏଚ୍‌ଡ଼ି ପରୀକ୍ଷାରେ ଫଳାଫଳ ଆଶା।

କର୍କଟ: ଆର୍ଥିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ସୁଚିନ୍ତନକ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସଫଳତା ଅର୍ଜନ କରିବେ।

ସିଂହ: ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶକୁ ଦୂରେଇ ରହିବେ। ନୂଆ କାମ ପାଇଁ ଯାତ୍ରାକୁ ସମୟ। ଛାତ୍ର ଛାତ୍ରୀ ମାନଙ୍କରେ ବିଦ୍ୟାଶାଖାରେ କରିବେ। ସ୍ୱାସ୍ଥ୍ୟସମସ୍ୟା ଦେଖା ଦେବ।

କନ୍ୟା: ପାରିବିନକୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ବଢ଼ାଇ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପ୍ରୟାସରେ ଜୟଲାଭ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

ତୁଳା: ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବସାୟରେ ଫାଇନାନ୍ସ ରକ୍ଷା କରିବେ। ମାନସିକ ଚିନ୍ତାଭାବ ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଗୃହ ସମସ୍ୟା ଦେଖା ଦେବ।

ବିଛା: ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚକୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ରହେ।

ଧନୁ: ବ୍ୟବସାୟ ଉନ୍ନତିପାଇଁ ନୂଆ ଯୋଜନା କରିବେ। ଅପିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

ମକର: ବିଦ୍ୟାଳୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

କୁମ୍ଭ: ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅପିସ୍‌ରେ କାର୍ଯ୍ୟଭାର ବଢ଼ିବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

ମୀନ: ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

ଆଜିର ଇତିହାସ

- ୨୮ ମାର୍ଚ୍ଚ- ଇଲୁଆଁଠାରେ ଓ ଭେନେଜୁଏଲା ଗ୍ରେଟର୍ କଲମ୍ବିୟାଠାରୁ ଅଲଗା ହେଲେ।
- ୧୯୩୮-ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ୍ ରାୟଙ୍କ ବିୟୋଗ।
- ୧୯୬୬- ରାଜା ଫାଇସିଆ ବିଶ୍ୱ ସୁନ୍ଦରୀ ହେଲେ।
- ୧୯୯୯-ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ ପାଇଁ ୟୁନେସ୍କୋ ଅନୁମତି ଦେଲା।

ଆସିପାରେ 'କୁଛ କୁଛ ହୋତା ହୈ'ର ସିକ୍ୱେଲ

କରନ୍ ଦେଲେ ଇସାରା

ବଲିଉଡ୍ କିଙ୍ଗ୍ ଖାନ୍ ଶାହାରୁଖ୍, କାଜଲ ଓ ରାନୀ ମୁଖାର୍ଜୀଙ୍କ ଅଭିନୀତ 'କୁଛ କୁଛ ହୋତା ହୈ' (୧୯୯୮) ଫିଲ୍ମ ବଲିଉଡ଼ର ଏକ ଆଇକନିକ୍ ଫିଲ୍ମ ଭାବେ ଜଣାଯାଏ। ଏହି ଫିଲ୍ମ ଆଜିକି ବର୍ଷକଟକ ହୃଦୟରେ ଗାଢ଼ ବସିଛି। ଫିଲ୍ମଟି ପ୍ରେମ ଏବଂ ବନ୍ଧୁତା ଉପରେ ପର୍ଯ୍ୟବେକ୍ଷିତ ଅଛି। ଏହା ବନ୍ଧୁ ଅଧିକାରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। କରନ୍ ଜୋହରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ପୁଣି ଥରେ ଦର୍ଶକଙ୍କୁ ଆସିଛି। ନିଜଦରେ କରନ୍ ଏବଂ ସାକ୍ଷାତକାରରେ 'କୁଛ କୁଛ ହୋତା ହୈ ୨' ବିଷୟରେ କହିବା ସହ ଏଥିରେ କେଉଁ କଳାକାରମାନେ ଅଭିନୟ କରିବେ କେଉଁବିଷୟରେ ମଜା କରିଥିଲେ। କରନ୍ କହିଥିଲେ ଯେ, ଯଦି 'କୁଛ କୁଛ ହୋତା ହୈ'ର ସିକ୍ୱେଲ ଏବଂ ଆଣ୍ଟୁଷ୍ଟି ଭେବେ ଏଥିରେ ଭାଣ୍ଡାର ଝିଅ, ଆଲିଆ ଭଟ୍, ଅନନ୍ୟା ପାଣ୍ଡେଙ୍କୁ ନେବେ। ଆଲିଆ ମଜାର୍ଣ୍ଣ ଅଛନ୍ତି, ରଣବୀର କାପୁର ଓ ଅନନ୍ୟା ଟିନା ଥେବେ। ଟିନା ପାଇଁ ଜାହ୍ନବୀ କପୁର ଓ ସାରା ଅଲି ଖାନ୍‌ଙ୍କୁ ମଧ୍ୟ ସେ ବିଚାର କରାଯିବା ଚାହିଁଛି। କରନ୍‌ଙ୍କ ଏହି ବୟାନ ପରେ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ବର୍ତ୍ତି ଆଲୋଚନା ଚାଲିଛି। ଏହି ଫିଲ୍ମକୁ ପ୍ରବଳ କପୁଣିବା ଅନେକ ସୁନ୍ଦର୍ଯ୍ୟ ଏବଂ ଆଇକନିକ୍ ଫିଲ୍ମର ସିକ୍ୱେଲ ଆଣ୍ଟୁଷ୍ଟି ନାହିଁ ବୋଲି କରନ୍‌ଙ୍କୁ କହିଛନ୍ତି। ଏପ୍ରସଙ୍ଗରେ କରନ୍ ଏହାକୁ ନିର୍ମାଣ କରିବେ କି ନାହିଁ ତାହା ସ୍ପଷ୍ଟ ଭାବେ କିଛି କହିନାହାନ୍ତି।

ହତ୍ୟାକାରୀକୁ ଧରିବା ପାଇଁ ୨୬ ବର୍ଷ ଦେଲେ ଘରଭଡ଼ା

ପ୍ରତିବେଶୀଙ୍କ ମଧ୍ୟରୁ କାହାରି କଣ୍ଠସ୍ୱର ମୃତ୍ୟୁ ହୋଇଗଲେ ଆଉ କଣ୍ଠସ୍ୱ ଶୁଣିବା ଦେଖି ଅଷ୍ଟମାଧ୍ୟମ ହୋଇଥାଏ। ଏହି ଭୂମିରେ କାପାନକୁ ଏକ ବର୍ତ୍ତିତ କଳା ଭାବି ଘଟଣା ଗାମ୍ଭାକୁ ଆସିଛି। ଜଣେ ବ୍ୟକ୍ତି ୨୬ ବର୍ଷ ଧରି ଏକ ପୁରାତନ ଭଡ଼ା ଘରେ ଆଖୁଅଛେ ଯେଉଁଠାରେ ତାଙ୍କ ପତ୍ନୀଙ୍କୁ ହତ୍ୟା କରାଯାଇଥିଲା। ପତ୍ନୀର ହତ୍ୟାକାରୀଙ୍କୁ ଧରିବା ପାଇଁ ଦୋଷୀଙ୍କ ଦଣ୍ଡ ମିଳିଯାଇ ବୋଲି ଆଶା କରି ସେ ଏପରି କରି ଆସୁଥିଲେ। ୩୩ ନଭେମ୍ବର, ୧୯ ୯ ୯୩ରିହାରେ ନାଳିକା ତାଳାବାଣ୍ଟ ତାଙ୍କ ପତ୍ନୀଙ୍କ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ହତ୍ୟାକାରୀ ତାଙ୍କ ଦେହରେ ବାରମ୍ବାର ଛୁରୀ ଚାଲିଥିଲା। ଏହି ସମୟରେ ତାଙ୍କ ସାନ ପୁଅ ପଢ଼ାରେ ଶୋଇଥିଲେ ମଧ୍ୟ ତାର ଶୈଳିପି ଶିଷ୍ଟି ହୋଇ ନ ଥିଲା। ଏଗେଇ ସୁଧିରେ ଶ ଜଣାଇଲୁ ଉର୍ଦ୍ଧ୍ୱ ଲୋକଙ୍କୁ ମରଣାଭଳରା ଜଣାଇ ମରଣ ଚି ହତ୍ୟାକାରୀର ସନ୍ଧାନ ମିଳି ନ ଥିଲା। ମରେଣ ସାନଜାଲୁ ନାଳାରା(ନାମିକୋଙ୍କ ସ୍ୱାମୀ) ଅପରାଧ ସ୍ଥାନରେ ଜାରିଥିବା ଚକ୍ରଛିଟାକୁ ସପତ୍ନୀ କରିବା ତଥା ସେହି ପୁଅଙ୍କୁ ତାଙ୍କର ଆସବାବପତ୍ରକୁ ହଟାଇବାକୁ ସିଧାସିଧା ମନା କରିଥିଲେ। ସେ ନିଜ ଝିଅକୁ ଧରି ଅନ୍ୟ ଏକ ସ୍ଥାନରେ ରହିଲେ। ସେ ଦ୍ୱିତୀୟ ବିବାହ କରି ନ ଥିଲେ। ସ୍ତ୍ରୀର ହତ୍ୟାକାରୀକୁ ଧରିବା ପାଇଁ ୨୬ ବର୍ଷ ଧରି ପୁଅଙ୍କର ଭଡ଼ା ଜମାବନ୍ଦରେ ୧୨ କୋଟି ମନା ଦେଇଥିଲେ। ସେ ଜଘନ୍ୟାର ଗରମାଧ୍ୟମରେ ସାକ୍ଷୀଦାର ଦେବ ତାଙ୍କ ସ୍ତ୍ରୀଙ୍କ ହତ୍ୟାକାରୀଙ୍କୁ ଧରିବା ପାଇଁ କହୁଥିଲେ। ଶେଷରେ ଏହି ଘଟଣାର ୨୬ ବର୍ଷ ପରେ ତଳିକ ବର୍ଷର ଅକ୍ଟୋବର ମାସରେ ହତ୍ୟାକାରୀ ଚିହ୍ନଟ ହୋଇଥିଲେ। ହତ୍ୟାକାରୀ ମିଁ ହେଉଛି ଭୂମିକୋ ଷ୍ଟ୍ରେଟ୍ଲୁ। ସେ ସାଲୋଲୁଙ୍କର ସ୍ଥାନ ସାଙ୍ଗ ଥିଲେ। ଭୂମିକୋ ସାଲୋଲୁଙ୍କୁ ଏକତରଫା ପ୍ରେମ କରୁଥିଲେ। ସାଲୋଲୁଙ୍କୁ କିନ୍ତୁ ଭୂମିକୋଙ୍କ ପ୍ରେମକୁ ପ୍ରତ୍ୟାଖ୍ୟାନ କରିଥିଲେ। ୩୦ ଅକ୍ଟୋବର, ୨୦୦୬ରେ ଭୂମିକୋ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିଲେ। ତେବେ ଅପରାଧ ସ୍ଥାନକୁ ମିଳିଯାଇ ଗଣ୍ଡାଗଣ୍ଡା ତାଙ୍କ ସହିତ ମୁକାବିଲା ହୋଇଥିଲା। ତେବେ ସାଲୋଲୁ ହତ୍ୟାକାରୀଙ୍କ ସମ୍ପର୍କରେ ଶୁଣିବା ପରେ ସ୍ତବ୍ଧ ହୋଇ ଯାଇଥିଲେ। ସାଲୋଲୁ କହିଛନ୍ତି ଯେ, 'ସେ ଏମିତି ଗଲ ମାର୍ଗ ଏବଂ ତିନବୁ ଲଢ଼ା ନେବ ଆଉଥିଲେ ଭୂମିକୋ ଭାବି ଆଶ୍ଚର୍ଯ୍ୟରେ ବର୍ତ୍ତି ବର୍ଷ ଧରି ରହି ଆସୁଥିଲେ।' ବର୍ତ୍ତି ୨୬ ବର୍ଷ ଧରି ସେ ନ ରହିମଧ୍ୟ ଯେଉଁ ପୁଅ ପାଇଁ ଭଡ଼ା ଦେଇ ଆସୁଥିଲେ, ତାଙ୍କୁ ବିଶ୍ୱସ୍ତି ଠିକ୍ ଥିଲା ବୋଲି ସାଲୋଲୁ କହିଛନ୍ତି।

କର୍ମଚାରୀଙ୍କୁ ସୁନା କି-କ୍ୟାପ୍ ଉପହାର

ଅନେକ କମ୍ପାନି କର୍ମଚାରୀଙ୍କୁ ଉତ୍ସାହିତ କରିବା ପାଇଁ ବୋନସ୍, ଉପହାର ଆଦି ଦିଅନ୍ତି। ଏହି କ୍ରମରେ ଗୋରୁ ଏକ କମ୍ପାନି ଉପହାରରେ କର୍ମଚାରୀଙ୍କୁ ସ୍ୱର୍ଣ୍ଣ କି ଚେନ୍‌ର୍ଡ ଦ୍ୱାରା ଦେଇ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ଗାନ୍ ଶେଲ୍‌ଟେକ୍‌ନେଟ୍‌ରେ ଥିବା ଲାନ୍‌ଷ୍ଟା ୩୬୦ ନାମକ କମ୍ପାନି କର୍ମଚାରୀଙ୍କୁ ଚାର୍ଜ କାରିଚିହ୍ନ ଧରି ସୁନା କିଚେନ୍‌ର୍ଡ ଦ୍ୱାରା ଆଦୁଛି। କମ୍ପାନି ପକ୍ଷରୁ ଏହାର କାମ 'ଗୋଲ୍ଡେନ୍ ବୋନସ୍' ନାମ ଦିଆଯାଇଛି। ନିଜସ୍ୱରେ ଏହି କମ୍ପାନି ତାର୍ ପ୍ରୋଗ୍ରାମ ରେ (୨୪ ଅକ୍ଟୋବରରେ) ଅବସରରେ ୨୪ ଜଣ କର୍ମଚାରୀଙ୍କୁ ସୁନାର ଚି ଦ୍ୱାରା ଉପହାରରେ ଦେଇଛିଲା। ଏହି ଚି ଦ୍ୱାରା ପ୍ରତ୍ୟେକ ମଧ୍ୟରେ ଷ୍ଟେଣ୍ଟ ବାଣ୍ଡ ମଧ୍ୟ ଥିଲା। ଏହାର ମୂଲ୍ୟ ପ୍ରାୟ ୩୪ ଲକ୍ଷ ଟଙ୍କା ହେବ। ଏଥିବେଳ କମ୍ପାନି ପକ୍ଷରୁ କର୍ମଚାରୀଙ୍କୁ ସମ୍ବୋଧନ ଓ ଚି ଦ୍ୱାରା ସୁନାର କି ଚେନ୍‌ପ୍ ପ୍ରଦାନ କରାଯାଇଛି। ସୁନାର ଚେଇନ୍‌ଟାରୁ ଏହି ଚି ଚେନ୍‌ପ୍ ପ୍ରତ୍ୟେକ ହେବେ ଯେମାନ୍ ହୁଏଁ ଏହା କର୍ମଚାରୀଙ୍କ ପରିଶ୍ରମ ଓ ନିଷ୍ଠାର ପ୍ରତୀକ ବୋଲି ଜାନ୍‌ଷ୍ଟା ୩୬୦ ପକ୍ଷରୁ ବୁଝାଯାଇଛି। ସୁନା ହେଉଥିବାରୁ ଏହି କମ୍ପାନିକୁ ବୀଜ୍‌ଲେ 'ଗୋଲ୍ଡେନ୍ ଟ୍ୟାଚ୍ସ' ବୋଲି କୁହାଯାଏ। ଏଥିପରି ଉତ୍ସବ୍ଧ ୩୬୦ ଏହାର ବ୍ୟ ବର୍ଷ ପୂର୍ତ୍ତି ଅବସରରେ କର୍ମଚାରୀ ଓ ଉତ୍ତର୍ଣ୍ଣ ଉପହାର ସ୍ୱରୂପ ଗୋଲ୍ଡ ହ୍ୟାଣ୍ଡ ବାଣ୍ଡ ଦେଇଥିଲା। ଏମ୍ପ୍ଲୟର ୩ ଓ ଗ୍ରୁପ୍‌ର ଶୁଦ୍ଧ ସୁନାର ଷ୍ଟିକର୍ ଥିଲା। ଏହି କମ୍ପାନି କର୍ମଚାରୀଙ୍କୁ ଭେବେଷ୍ଟ ବୋନସ୍ ଦେଇଛି, ସେମାନଙ୍କ ବ୍ୟକ୍ତିଗତ ଖୁସିକୁ ମଧ୍ୟ ପ୍ରାଧାନ୍ୟ ଦେଇଥାଏ। ବିଶେଷ ଅବସରରେ ସ୍ୱର୍ଣ୍ଣ ଉପହାର ଦେଇଥାଏ। ବୋଲିଉଡ଼ ଅଭିନେତା ଅମିତାଭ ବଚ୍ଚନ ଓ ଅଜୟ ଦେବଗନ୍ ଭଳି ଅନେକ ସେଲିବ୍ରିଟି ଏହି ଫିଲ୍ମ ଦେଖିଲେ କମ୍ପାନି ପକ୍ଷରୁ ଏକ ଗ୍ରାଣ୍ଡ ପାର୍ଟି ଦିଆଯାଇଥିଲା। ଏଥିରେ ପ୍ରତ୍ୟେକ ପ୍ରଦାନ କରାଯାଇଥିଲା।

ତୁଳସୀ ଜଟାର ମହତ୍ତ୍ୱ

ହିନ୍ଦୁ ଧର୍ମରେ ତୁଳସୀକୁ ସବୁଠୁ ପବିତ୍ର ବୃକ୍ଷ ବୋଲି କୁହାଯାଇଛି। ତୁଳସୀ କେବଳ ଭଗବାନ ବିଷ୍ଣୁଙ୍କ ପ୍ରିୟ ନୁହେଁ, ଏହା ଘରର ସଜାରାମ୍‌ଜ ଶକ୍ତି ସଞ୍ଚାର କରିବା ସହିତ ସମୃଦ୍ଧିର ପ୍ରତୀକ ଭାବେ ବିବେଚନା କରାଯାଏ। ଯେମିତି ତୁଳସୀ ପତ୍ରର ମହତ୍ତ୍ୱ ଅଛି, ଠିକ୍‌ସେମିତି ତୁଳସୀ ଫୁଲ ବି ମଙ୍ଗଳକାରୀ। କୁହାଯାଏ ତୁଳସୀ ଗଛରେ ତୁଳସୀ ଫୁଲ ମା' ଲକ୍ଷ୍ମୀଙ୍କ ଆଗମନର ସଙ୍କେତ ଦେଇଥାଏ।

ଧାର୍ମିକ ଗ୍ରନ୍ଥରେ କୁହାଯାଇଛି, ଭଗବାନ ବିଷ୍ଣୁଙ୍କ ପୂଜା ତୁଳସୀ ବିନା ଅଧୁରା। ତେଣୁ ତୁଳସୀରେ ଫୁଲ ଆସିଲେ ଏହାକୁ ଶ୍ରୀହରିଙ୍କ ଭୋଗ ସହିତ ଅର୍ପଣ କରନ୍ତୁ। ଏଭଳି କରିବା ଦ୍ୱାରା ଭଗବାନ ବିଷ୍ଣୁ ଅତ୍ୟନ୍ତ ପ୍ରସନ୍ନ ହୋଇଥାନ୍ତି ଏବଂ ପ୍ରସନ୍ନତା ପ୍ରାପ୍ତି ହୁଏ। ଏହା ଜୀବନକୁ ନକାରାତ୍ମକତାରୁ ଦୂରେଇ ଶୋଭାଳମ ଆଣେ। ସେହିପରି ଆର୍ଥିକ ସମସ୍ୟା ଦେଖା ଦେଲେ ଶୁଦ୍ଧବାର ମା' ଲକ୍ଷ୍ମୀଙ୍କୁ ତୁଳସୀ ଫୁଲ ଅର୍ପଣ କରିବା ଉଚିତ। ଏଭଳି କରିବା ଦ୍ୱାରା ଦେବୀ ଲକ୍ଷ୍ମୀ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି। ଏହିଭଳି ଅର୍ଥ ସମସ୍ୟା ଦୂର କରେ।

ସେହିପରି ଘରେ ଜଗାଡ଼ାଳ ଜଳି, ଝଗଡ଼ା, ବିବାଦ ଓ ନକାରାତ୍ମକ ପରିବେଶ ବଜାୟ ରହିଲେ, ତୁଳସୀ ଫୁଲକୁ ବ୍ୟବହାର କରିବା ଭଲ। ଏକ ପାତ୍ରରେ ଲକ୍ଷ୍ମୀଙ୍କ ନେଇ ବାହାଙ୍କୁ ତୁଳସୀ ଫୁଲରେ ଘରେ ସିଞ୍ଚନ କରିବା ଦ୍ୱାରା ଘର ପରିବେଶ ଶୁଦ୍ଧ ଓ ଶାନ୍ତିପୂର୍ଣ୍ଣ ହୋଇଥାଏ। ଭଗବାନ ତୁଳସୀ ଓ ଗଙ୍ଗାଜଳ ପବିତ୍ରତାର ପ୍ରତୀକ ହୋଇଥିବାରୁ ଏହାର ମିଶ୍ରଣ ଶୁଭଫଳ ପ୍ରଦାନ କରେ।

ସ୍ୱସ୍ତି

ପୂଜା ଫୁଲ ଧୋଇ ଚଢ଼ାଉ ଥିଲେ

ପୂଜା ଦିନ ଦେବୀ ଦେବତା ଏବଂ ଧାର୍ମିକ ଅନୁଷ୍ଠାନ ଅଧୁରା ହୋଇ ରହିଥାଏ। ଶାସ୍ତ୍ରରେ ପୂଜା ଫୁଲର ଅନେକ ନିୟମ ରହିଛି। ସେହିପରି ଭଗବାନଙ୍କ ପାଖରେ ଜାଣି ହୋଇଥିବା ଫୁଲର ମଧ୍ୟ ଦେବୀ। ତେବେ ଏହି ଫୁଲକୁ ଭଗବାନଙ୍କୁ ଜାରି କରିବା ପୂର୍ବରୁ ଏହାକୁ ଅନେକ ଧୋଇ ଚଢ଼ାଇ ଥାନ୍ତି। ତେବେ ଏହାକି କରିବା ଠିକ୍ ଦି ତୁଲ୍ ସେ ସମ୍ପର୍କରେ ଅନେକ ଜାଣନ୍ତି ନାହିଁ।

ଧ୍ୟାନ ଦେବା ଦରକାର ଯେ, ଭଗବାନଙ୍କୁ କୌଣସି ଜିନିଷ ଜାରି କରିବା ବେଳେ ତାହା ତାଜା ଥିବା ଦରକାର। ତେଣୁ ଭଗବାନଙ୍କୁ ଚଢ଼ାଯାଉଥିବା ଫୁଲ ଜାରି ହେବା ଆଗରୁ ତାହା ତୁଳସୀ ଫୁଲରେ ଜଳ ଛାଣି ହେବା ଯୋଗୁଁ ତାହା ଦେବତାଙ୍କୁ ଅର୍ପିତ ବୋଲି ବିବେଚନା କରାଯାଏ। ତେଣୁ ଫୁଲକୁ ଧୋଇ ଚାହୁରକୁ ଜାରି କରିବା ଠିକ୍ ନୁହେଁ। ଫୁଲକୁ ଧୋଇ ଚଢ଼ାଇବା ଦ୍ୱାରା ଏହାର ପବିତ୍ରତା ନଷ୍ଟ ହୁଏ। ତା'ପରେ ଭଗବାନଙ୍କ ପାଖରେ ଅର୍ପଣ ହେଉଥିବା ଫୁଲକୁ ଧୋଇବା ଠିକ୍ ନୁହେଁ। ନିୟମୀ ଅନୁସାରେ, ସ୍ନାନ ପରେ ଫୁଲ ତୋଳିବା ଉଚିତ। ସେହିପରି ବଳକାରୁ ଆଣ୍ଟୁଠିଗ ଫୁଲକୁ ମଧ୍ୟ ଧୋଇ ଫୁଲ ଆଣିବେ ସିଧା ରଖିବା ଉଚିତ। ହିନ୍ଦୁ ମାନ୍ୟତାନୁସାରେ, ଭଗବାନଙ୍କୁ ତାଜା, ମଧ୍ୟମ ଭଲା ଫୁଲ, ଜିଣ୍ଡା ଫୁଲ, ତଳେ ପଡ଼ିଥିବା ଫୁଲ ଜାରି କରିବା ଅନୁଚିତ। ସେହିପରି ଠାକୁରଙ୍କ ପାଖରେ ଜାରି ହୋଇଥିବା ଫୁଲକୁ ଅନ୍ୟ ଠାକୁରଙ୍କୁ ଜାରି କରିବା ଅନୁଚିତ।

ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଅର୍ପଣର ନିୟମ

ସୂର୍ଯ୍ୟଦେବଙ୍କୁ ପ୍ରସନ୍ନ କରିବା ପାଇଁ ସୂର୍ଯ୍ୟୋଦୟ ପୂର୍ବରୁ ଜଳ ଅର୍ଘ୍ୟ ଅର୍ପଣ କରିବା ଉଚିତ। ଏହି ଅର୍ଘ୍ୟ ଅର୍ପଣର ନିୟମ ବି ଅଛି।

- ପ୍ରଥମେ ସ୍ନାନ ପରି ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ।
- ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରନ୍ତୁ।
- ତାଂବା ସହ ଅର୍ଘ୍ୟ ଅର୍ପଣର ସମୟ ନିର୍ଦ୍ଧାରିତ କରି ସେହି ସମୟରେ ସବୁଦିନ ଅର୍ଘ୍ୟ ଦେବା ଉଚିତ।
- ତମ୍ବା ଭାଣ୍ଡରେ ଅର୍ଘ୍ୟ ଅର୍ପଣ କରିବା ଉଚିତ।
- ଅର୍ଘ୍ୟ ଜଳରେ କଳି ଫୁଲ, ଚନ୍ଦନ ଓ ଅକ୍ଷତ ପକାନ୍ତୁ। ସେହି ଜଳକୁ ଅର୍ଘ୍ୟ ଭାବେ ଅର୍ପଣ କରନ୍ତୁ।
- ଅର୍ଘ୍ୟ ଦେବାବେଳେ ଜଳଧାରାରେ ସୂର୍ଯ୍ୟଙ୍କ ଦର୍ଶନ କରିବା ଶୁଭ।
- ଏହି ଅର୍ଘ୍ୟ ସମୟରେ ସୂର୍ଯ୍ୟଙ୍କ କିରଣ ଦେଖିବା ଲାଭକର।
- ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବା ବେଳେ ସୂର୍ଯ୍ୟ ମନ୍ତ୍ର ଜପ କରିବା ଉଚିତ।
- ଅର୍ଘ୍ୟ ଅର୍ପଣ ସମୟରେ ନିଜ ମୁଖକୁ ପୂର୍ବ ଦିଗରେ ରଖନ୍ତୁ।

ମା' ଲକ୍ଷ୍ମୀଙ୍କ ପ୍ରିୟ ଭୋଗ

ମା'ଲକ୍ଷ୍ମୀଙ୍କ ପୂଜାରେ ଭୋଗର ବିଶେଷ ମହତ୍ତ୍ୱ ରହିଛି। କୁହାଯାଏ ଠିକ୍ ଓ ପବିତ୍ର ଭୋଗ ସାମଗ୍ରୀ ଦ୍ୱାରା ମା' ଲକ୍ଷ୍ମୀଙ୍କ ଆରାଧନା କରିବା ଦ୍ୱାରା ତାଙ୍କ କୃପା ପ୍ରାପ୍ତି ହୁଏ। ତେଣୁ ମା'ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଭୋଗ ଉପରେ ବିଶେଷ ଗୁରୁତ୍ୱ ଦେବା ଉଚିତ।

- ଶାଗ, ଚାଉଳ ଏବଂ ଗୁଡ଼ରେ ପ୍ରସ୍ତୁତ ଖାଦ୍ୟ ଭୋଗ ମା' ଲକ୍ଷ୍ମୀଙ୍କୁ ଅର୍ପଣ କରିବା ଶୁଭ। ଖାଦ୍ୟ ଭୋଗ ଜାରି କରିବା ଦ୍ୱାରା ଘରେ ଧନ, ସୁଖ ଓ ସମୃଦ୍ଧି ବଢ଼ାଇ ରହେ।
- ଲାଡ଼ୁକୁ ସୌଭାଗ୍ୟର ପ୍ରତୀକ ବୋଲି କୁହାଯାଏ। ଦେବତାଙ୍କ ଦିନ୍ୟା ଦୁଧିରେ ତିଆରି ଲାଡ଼ୁ ମା' ଲକ୍ଷ୍ମୀଙ୍କୁ ଜାରି କରିବା ଦ୍ୱାରା ପାରିବାରିକ ସମୃଦ୍ଧି ଓ ପ୍ରେମଭାବ ବୃଦ୍ଧି ପାଏ।
- ସ୍ୱତି, ଦେଶୀ ଘିଅ ଓ ପୁରରେ ପ୍ରସ୍ତୁତ ହାଲୁଆ ମା' ଲକ୍ଷ୍ମୀଙ୍କ ଅତ୍ୟନ୍ତ ପ୍ରିୟ। ଏହାକୁ ଭୋଗ ରୂପେ ଅର୍ପଣ କରେ ଘରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ।
- କଦଳୀ, ସେଓ, ଖାଜିମୁଗ ଭଳି ଅନ୍ୟ ପବିତ୍ର ଲକ୍ଷ୍ମୀ ମା'ଙ୍କୁ ଅର୍ପଣ କଲେ ଜୀବନରେ ସ୍ଥିରତା ଆସେ। ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି।
- ନଡ଼ିଆ ବା ଶ୍ରୀଫଳକୁ ପୂର୍ଣ୍ଣତାର ପ୍ରତୀକ ବୋଲି ବିବେଚନା କରାଯାଏ। ଏହାକୁ ଅର୍ପଣ କଲେ ଆଧ୍ୟାତ୍ମିକ ଉନ୍ନତି ହୋଇଥାଏ। ମା' ଲକ୍ଷ୍ମୀଙ୍କୁ ଏହା ପ୍ରଦାନ କଲେ ଦୈନିକ ଜୀବନ ଆନନ୍ଦ ଭରେ।

ଉତ୍କଳ ସମାଚାର

ସମ୍ପାଦକୀୟ...

ବୁଧବାର ୨୮ ଜାନୁଆରୀ ୨୦୨୬

ସମ୍ରାଟଙ୍କ ସମାଜବାଦ

ଆୟିନ୍ ରାଣ୍ଡଙ୍କ ଭାଷାରେ ପ୍ରତ୍ୟେକ ବ୍ୟକ୍ତି ତା'ର ନିଜର ''ସୁକ୍ତିଯୁକ୍ତ ଆତ୍ମସ୍ୱାର୍ଥ'' ବା ''ରେସନାଲ୍ ସେଲ୍ଫ ଇଣ୍ଟେରେଷ୍ଟ'' ଦ୍ୱାରା ପରିଚାଳିତ ହୋଇ ନିଜ ପାଇଁ ସଂପଦ ସୃଷ୍ଟି କରିବାରେ ପ୍ରବୃତ୍ତ ହେଲେ ତାହାର ମିଳିତ ସୁଫଳ ସ୍ୱରୂପ ସେ ସମାଜ ବା ଗୋଷ୍ଠୀ ସର୍ବାଧିକ ସଂପଦର ଅଧିକାରୀ ହୋଇଥାଏ । ସୁପ୍ରିମ୍ କୋର୍ଟଙ୍କ ରାୟ ସେଇ ଲକ୍ଷ୍ୟ ହାସଲ ପାଇଁ ପଥ ପରିଷ୍କାର କରିଛି । ମଙ୍ଗଳବାର ଦିନ ସୁପ୍ରିମ୍ କୋର୍ଟର ପ୍ରଧାନ ବିଚାରପତି ଧନଞ୍ଜୟ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଏକ ଚ'ଳଣିଆ ବେଞ୍ଚ ଦେଶରେ ସଂପତ୍ତିର ଘରୋଇ ମାଲିକାନା ପୁନଃସ୍ଥାପନ କରିବା ପାଇଁ ରାୟ ଦେବା ଅବସରରେ ଅତୀତରେ ଏ ସଂପର୍କରେ ସେମାନଙ୍କର ଜଣେ ପ୍ରଖ୍ୟାତ ପୂର୍ବସୂରୀ ପ୍ରକାଶ କରିଥିବା ବହୁଚର୍ଚ୍ଚିତ ଅଭିମୁଖ୍ୟକୁ ଆଲୋଚନା ପରିସରଭୁକ୍ତ କରିବାକୁ ଓ ତାହାର ଖଣ୍ଡନ କରିବାକୁ ଉଚିତ ମନେ କରିଛନ୍ତି । ଏହି ବିଂଶତମ ନ୍ୟାୟାଧୀଶ ହେଉଛନ୍ତି ପବୃତିକୃଷ୍ଣଣ ସନ୍ଥାନ ଦ୍ୱାରା ଭୂଷିତ କଷ୍ଟିସ୍ ବେଦ୍ୟନାଥପୁରମ୍ ରାମ ଆୟାର୍ ଜ୍ରିଷ୍ଣା ଆୟାର ଯିଏ ୧୯୭୮ରେ ଏକ ମାମଲାରେ ନିଜର ସଂଖ୍ୟାଲଘୁ ନିର୍ଦ୍ଦେଶ ପ୍ରଦାନ କରି କହିଥିଲେ ଯେ ଘରୋଇ ମାଲିକାନାରେ ଥିବା ପାର୍ଥିବ ସମ୍ପତ୍ତିମାନଙ୍କୁ ମଧ୍ୟ ଗୋଷ୍ଠୀର ସମ୍ପତ୍ତି ରୂପେ ବିଚାର କରାଯାଇପାରିବ । ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ କଷ୍ଟିସ୍ ଆୟାରଙ୍କର ଏହି ମତାମତକୁ ଏକ ନିର୍ଦ୍ଦିଷ୍ଟ ଆଦର୍ଶଗତ ଚିନ୍ତାଧାରାର ଅଂଶ ରୂପେ ଅଭିହିତ କରି ଉତିମଧ୍ୟରେ ଦେଶ ଯେଉଁଭଳି ଚିନ୍ତାଧାରା ଠାରୁ ଦୂରେଇ ଯାଇ ଚମତ୍କପ୍ରଦ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବାରେ ସକ୍ଷମ ହୋଇଛି ବୋଲି ଚେତାବ ଦେଇଛନ୍ତି । କଷ୍ଟିସ୍ ଚନ୍ଦ୍ରଚୂଡ଼ ଅବଶ୍ୟ କଷ୍ଟିସ୍ ଆୟାରଙ୍କର ଏ ଯେଉଁ ଚିନ୍ତାଧାରା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି, ତାହାର ନାମ କାହାରିକୁ ଅଛପା ନୁହେଁ- ସମାଜବାଦ । କଷ୍ଟିସ୍ ଆୟାରଙ୍କ ପରି ଜଣେ ବିଚକ୍ଷଣ ନ୍ୟାୟବିତ୍ ଏହି ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହେବାରେ ମଧ୍ୟ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ସାଧାରଣତଃ କାର୍ଲ ମାର୍କସ୍‌ଙ୍କୁ ଏହି ରାଜନୈତିକ-ଅର୍ଥନୈତିକ ଚିନ୍ତାଧାରାର ଜନକ ରୂପେ ବିଚାର କରାଯାଉଥିଲେ ହେଁ, ଇତିହାସ ସାରା ସମାଜରୁ ଅର୍ଥନୈତିକ ବୈଷମ୍ୟ ଦୂର କରିବା ଭଳି ଏକ ନ୍ୟାୟୋଚିତ ଆଦର୍ଶରେ ବିଶ୍ୱାସ କରୁଥିବା ଅନେକ ବାଶିନ୍ଦିମାନଙ୍କ ଠାରୁ ରାଷ୍ଟ୍ର ନାୟକମାନଙ୍କ ପର୍ଯ୍ୟନ୍ତ ଏହି ମତବାଦ ଦ୍ୱାରା ଆକର୍ଷିତ ହେବା ଦେଖାଯାଇଛି । ସମାଜବାଦ ଯେ ହେଉଛି ଏକ ଅତ୍ୟନ୍ତ ମହତ୍ ଆଦର୍ଶ, ଏଥିରେ ସାମାନ୍ୟତମ ସନ୍ଦେହର ଅବକାଶ ନାହିଁ । କିନ୍ତୁ ସେଇ ଉଚିତାସ୍ତ ସାରା ଦେଖାଯାଇଛି ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଉଦ୍ୟମ ସର୍ବବା ବିଫଳତା କିମ୍ବା ବିପର୍ଯ୍ୟୟରେ ପରିସମାପ୍ତ ହୋଇଛି । ଆଧୁନିକ ସମୟର ସୋଭିଏତ୍ ରୁଷିଆରୁ ପ୍ରାଚୀନ ରୋମ୍ ପର୍ଯ୍ୟନ୍ତରେ ସମାଜବାଦର ଯେଉଁ ପରାଜୟ ଘଟିବା ଦେଖା ହୋଇଆସିଛି, ତାହା ଏକ ଆଦର୍ଶ ଭାବରେ ଏହି ମତବାଦର କୌଣସି ଦୁର୍ବଳତା ଯୋଗୁଁ ନୁହେଁ, ତାହା ହେଉଛି ମନୁଷ୍ୟ ଚରିତ୍ରର ଅନନ୍ତିହିତ ସ୍ୱାର୍ଥକେନ୍ଦ୍ରିକ ଆଭିମୁଖ୍ୟ ଓ ବିଷମ ପାରବର୍ତ୍ତିତା ଯୋଗୁଁ । ସମାଜବାଦର ଏହି ବିଫଳତାର ଏକ ପ୍ରାଚୀନତମ ଉଦାହରଣ ରୂପେ ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀରେ ରୋମ୍‌ର ସମ୍ରାଟ୍ ଡାୟୋକ୍ଲିସନ୍ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କରିଥିବା ଉଦ୍ୟମ ଉପରେ ଏକ କ୍ଷିପ୍ର ଦୃଷ୍ଟି ନିକ୍ଷେପ କରାଯାଇପାରେ । ନିଜର ପ୍ରଜାମାନେ ଭୋଗୁଥିବା ଦାରିଦ୍ର୍ୟ ଓ ସେଥିଯୋଗୁଁ ସେମାନେ ପ୍ରଦର୍ଶନ କରୁଥିବା ଅସନ୍ତୋଷ ଓ ଅସ୍ଥିରତା ଦ୍ୱାରା ବିଚଳିତ ହୋଇ ସମ୍ରାଟ୍ ଡାୟୋକ୍ଲିସନ୍ ପରିସ୍ଥିତି ସମ୍ଭାଳିବା ନିମିତ୍ତ ଯେଉଁ ଆଦେଶନାମା ଜାରି କରିଥିଲେ ତାହା ଆଜିର ଯେ କେ ?ଣସି ସମାଜବାଦୀ ରାଷ୍ଟ୍ରର ଲକ୍ଷଣମାନ ବହନ କରିଥାଏ ଏବଂ ଯାହାର ଅନେକାଂଶ ସହିତ ଆମେମାନେ ମଧ୍ୟ ସୁପରିଚିତ । ଏହି ଆଦେଶନାମାରେ ସମ୍ରାଟ୍ ବଜାରରେ କିମ୍ବିଷପତ୍ରର ଦର ବୃଦ୍ଧି ଘଟାଇ ଲାଭ ଅର୍ଜନ କରିବା ଉଦ୍ଦେଶ୍ୟରେ ଯେଉଁ ଏକତାଟିଆ ବ୍ୟବସାୟୀମାନେ ସେସୁଡ଼ିକୁ ବଜାରକୁ ନ ଛାଡ଼ି ମଜୁତ କରି ରଖୁଥିଲେ, ସେମାନଙ୍କୁ ଧମକ ଦେବା ସହିତ ସମସ୍ତ ସୁଗୁରୁତ୍ୱପୂର୍ଣ୍ଣ ଦ୍ରବ୍ୟ ଓ ସେବାମାନଙ୍କର ସର୍ବୋଚ୍ଚ ଦର ନିର୍ଦ୍ଧାରଣ କରିଥିଲେ । ସେ ମଜୁରିର ନିର୍ଦ୍ଦିଷ୍ଟ ହାର ନିର୍ଦ୍ଧାରଣ କରିଥିଲେ । ବେକାର ନାଗରିକମାନଙ୍କୁ ନିଯୁକ୍ତି ଯୋଗାଇବା ପାଇଁ ସମ୍ରାଟ୍ ବିଭିନ୍ନ କର୍ମନିଯୁକ୍ତି ଯୋଜନାମାନ କାର୍ଯ୍ୟକାରୀ କରିଥିଲେ । ଅଭାବଗ୍ରସ୍ତ ଜନସାଧାରଣଙ୍କୁ ଆହାର ଯୋଗାଇବା ନିମିତ୍ତ ପ୍ରଶାସନ ମାଗଣା ଖାଦ୍ୟ ବଣ୍ଟନ ଯୋଜନାମାନ କାର୍ଯ୍ୟକାରୀ କରିଥିଲା । ସରକାର ସମସ୍ତ ଖଣି ଖାଦାନ ସହିତ ସମସ୍ତ ଶିଳ୍ପ ଅନୁଷ୍ଠାନମାନଙ୍କୁ ନିଜ ନିୟନ୍ତ୍ରଣାଧୀନ କରିଦେଇଥିଲେ, ଯାହା ଆଧୁନିକ ସମୟରେ ଜାତୀୟକରଣ ନାମରେ ପରିଚିତ । ଯେଉଁ କେତେକ ଶିଳ୍ପ ବ୍ୟବସାୟ ସମ୍ରାଟ୍ ?ଙ୍କର ଏହି ସମାଜବାଦୀ ଅଭିଯାନ (ଏହା ପରଷ୍ପର-ବିରୋଧୀ ମନେ ହୋଇ ନ ଥାଏ କି ?)ରୁ ବର୍ଜିଯାଇ ଘରୋଇ କ୍ଷେତ୍ରରେ ବ୍ୟବସାୟ କରୁଥିଲେ, ସରକାର ସେମାନଙ୍କ ଉପରେ ଯେଉଁ ଅସହନୀୟ କର ଭାର ଲଦି ଦେଉଥିଲେ, ତାହା ସେମାନଙ୍କର ମେରୁଦଣ୍ଡ ଭାଙ୍ଗି ଦେଉଥିଲା । (ଯେମିତି କଷ୍ଟିସ୍ ଆୟାରଙ୍କ ସମୟରେ ଭାରତରେ ଆୟ କରର ସର୍ବୋଚ୍ଚ ହାର ଥିଲା ୯୭.୫ ଶତାଂଶ !) ଏହି ବିଶୁଦ୍ଧ ସମାଜବାଦୀ ବ୍ୟବସ୍ଥାର ତଦାରଖ କରିବା ପାଇଁ ସମ୍ରାଟ୍ ଯେଉଁ ବିଶାଳ ଅମଲାତନ୍ତ୍ର ସୃଷ୍ଟି କଲେ ତାହା ଅବିଳମ୍ବେ ଘୋର ଦୁର୍ନୀତିପ୍ରବଣ ହୋଇ ସାଧାରଣ ନାଗରିକମାନଙ୍କୁ ଶୋଷଣ କରିବାରେ ଲାଗିଗଲା । ବ୍ୟକ୍ତିଗତ ବା ଘରୋଇ ସଂପତ୍ତି ଉପରେ ମାଲିକାନା ହରାଇ, କର ଭାରରେ ଅତିଷ୍ଠ ହୋଇ, ଅମଲାତନ୍ତ୍ର ଦ୍ୱାରା ଅତ୍ୟାଚାରିତ ହୋଇ ହଜାର ହଜାର ସଂଖ୍ୟାରେ ରୋମ୍‌ର ନାଗରିକମାନେ ସୀମା ଅତିକ୍ରମ କରି ରାଜ୍ୟ ବାହାରକୁ ପଳାୟନ କରିବାରେ ଲାଗିଲେ । ସମ୍ରାଟ୍‌ଙ୍କ ସମାଜବାଦ ଶେଷରେ ଲୁଣ୍ଠିତ ପଡ଼ିଲା ଓ ସମ୍ରାଟ୍ ସ୍ୱେଚ୍ଛାରେ ରାଜପଦ ତ୍ୟାଗ କଲେ । ଭାରତୀୟ ଅର୍ଥନୀତି ୧୯୯୦ ଦଶକରେ ତା'ର ସମାଜବାଦୀ ଅଭିଯାନରୁ ନିବୃତ ହୋଇ ଯାଇବାର ଦିନ ପରିବର୍ତନ କରିବାରୁ ଯେ ଏରଲିଙ୍କ ଏକ ସମାଜବାଦୀ ବିପର୍ଯ୍ୟୟରୁ ରକ୍ଷା ପାଇଗଲା, ଏଥିରେ କୌଣସି ସନ୍ଦେହ ନାହିଁ । ସୁପ୍ରିମ୍ କୋର୍ଟ ତାଙ୍କ ରାୟରେ ଭାରତୀୟ ଅର୍ଥନୀତିର ଏହି ଉଦାରୀକରଣ ସମ୍ବନ୍ଧରେ ଉଲ୍ଲେଖ କରିବା ସହିତ ଏହି ପରିବର୍ତ୍ତିତ ପରିସ୍ଥିତିରେ ସଂବିଧାନର ଧାରା ୩୯ (ବି)ରେ ଉଲ୍ଲେଖ ଥିବା ''ଗୋଷ୍ଠୀର ପାର୍ଥିବ ସମ୍ପତ୍ତି'' ପରିସରରୁ ଘରୋଇ ମାଲିକାନାରେ ଥିବା ସଂପତ୍ତିସବୁକୁ ପ୍ରାୟ ବାଦ୍ ଦେଇଛନ୍ତି । କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ କେବଳ ସର୍ବସାଧାରଣଙ୍କ ମଙ୍ଗଳକୁ ପ୍ରଭାବିତ କରୁଥିବା କେତେକ ବିଶେଷ

ରାଜଧାନୀରେ ପ୍ରଦୂଷଣ : ଦାୟୀ କିଏ ?

ଭୁବନେଶ୍ୱର ବାର୍ଦ୍ଧକ୍ୟ ସମୟ ଧରି ଏକ ଆଧୁନିକ, ସୁଯୋଜିତ ଏବଂ ପ୍ରଦୂଷଣମୁକ୍ତ ସହର ଭାବେ ନିଜ ପରିଚୟ ଗଢ଼ିଥିଲା । ପ୍ରାୟ ଚାରି-ପାଞ୍ଚ ବର୍ଷ ପୂର୍ବ ପର୍ଯ୍ୟନ୍ତ ଏଠାର ବାୟୁ ଗୁଣମାନ ସ୍ୱାସ୍ଥ୍ୟକର ଥିଲା, ଯାହା ଦେଶର ଅନେକ ବଡ଼ ସହର ତୁଳନାରେ ଏହାକୁ ବସବାସ ପାଇଁ ଅଧିକ ଆକର୍ଷଣୀୟ କରିଥିଲା, ଯାହାର ପ୍ରତିଫଳ ଆଜି ସହରରେ ଦ୍ରୁତ ହାରରେ ଉଦ୍‌ଧିତ୍ୟ ଅପାର୍ଟମେ[ଓ ଅପେକ୍ଷାତୀତ ଉଚ୍ଚ ଜମି-ଘର ମୂଲ୍ୟରେ ସ୍ପଷ୍ଟ ଦେଖାଯାଉଛି । କିନ୍ତୁ ଏହି ପ୍ରଶ୍ନ ଏବେ ନାଗରିକମାନଙ୍କୁ ଚିନ୍ତିତ କରୁଛି– ଏମିତି କ'ଣ ଘଟିଲା ଯେ କେବଳ ଦୁଇ ବର୍ଷ ମଧ୍ୟରେ ଭୁବନେଶ୍ୱରର ବାୟୁ ଗୁଣମାନ ଏତେ ଭୟାବହ ଭାବେ ଅବନତ ହୋଇଗଲା ? ଏଇଆଜିର ହଠାତ୍ ଜଣେଇ ଦେଲା ଯେ, ସହର 'ସୁରକ୍ଷିତ' ଅବସ୍ଥାରୁ 'ଅସ୍ୱାସ୍ଥ୍ୟକର' ଶ୍ରେଣୀକୁ ଖସିପଡ଼ିଛି । ଏହା ନାଗରିକମାନଙ୍କୁ ଆଶ୍ଚର୍ଯ୍ୟ ଓ ଦ୍ୱିଧାରେ ପକାଇଦେଇଛି । ଏହି ପରିସ୍ଥିତିରେ ପ୍ରଶାସନ ହଠାତ୍ କାମ୍ପତ ହୋଇ ଯାନବାହନ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍ (ପିୟୁସି) ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି, ଯାହାର ପରିଣାମ ହେଲା ପ୍ରଦୂଷଣ ପରୀକ୍ଷା କେନ୍ଦ୍ର ସାମ୍ନାରେ ଲମ୍ବା ଯାନ ଲାଇନ୍ । ଏହି ଭିଡ଼ ନିଜେ ଏହାର ସୂଚନା ଦେଉଛି ଯେ, ପୂର୍ବରୁ ଏହି ନିୟମର ପାଳନ କେତେ ଦୁର୍ବଳ ଥିଲା । ଆଜି ମଧ୍ୟ ଏହି ପ୍ରଶ୍ନ ରହିଯାଇଛି ପିୟୁସି ସାର୍ଟିଫିକେଟଗୁଡ଼ିକ ସତ୍ୟ, ପ୍ରଦୂଷଣ ନିୟନ୍ତ୍ରଣର ମାପକ କି, ନା କେବଳ ଖିପଦାରିକ । ବୈଧ ପିୟୁସି ସାର୍ଟିଫିକେଟ୍ ନଥିବା ଯାନକୁ ଜରିମାନା ଏବଂ ଲଞ୍ଚନ ନାମଞ୍ଜୁରୀ ଲାଗୁ କରାଯାଇଛି । ଫଳରେ, ଯାନ ମାଲିକମାନେ ଟ୍ରାଫିକ୍ ଚାଲାଣ ଜରିମାନା ଜମା କରିବା ଏବଂ ଅନଲାଇନ୍ ବ୍ୟବସ୍ଥାର ପ୍ରାୟୁଣ୍ଡିକ ସମସ୍ୟା ସମାଧାନ କରିବା ମଧ୍ୟରେ ଧାଁଦିଗ୍ଦେ କରୁଛନ୍ତି । 'ପିୟୁସି ନାହିଁ, ଲଞ୍ଚନ ନାହିଁ' ନିୟମର ସମୟସୀମା ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ବଢ଼ାଯାଇଥିଲେ ମଧ୍ୟ, ସନ୍ଦେହ ସ୍ପଷ୍ଟ– ଯାନ ଲଞ୍ଚନର ଉପରେ କଠୋର ନିୟନ୍ତ୍ରଣ ଏବେ ରାଜଧାନୀର ଦ୍ରୁତ ଅବନତ ହେଉଥିବା ବାୟୁ ଗୁଣମାନ ରୋକିବାର ମୁଖ୍ୟ ଅସ୍ତ୍ର ହୋଇଯାଇଛି । ଗତ କିଛି ବର୍ଷ ଧରି ରାଜଧାନୀର ବାୟୁ ଗୁଣମାନ ମାଡ଼ାଧିକ ଭାବେ ଖରାପ ହୋଇଛି– ଯାହାର ପ୍ରମୁଖ କାରଣ ହେଲା ବୃଦ୍ଧି ଯାତ୍ରୀକରଣ, ନିର୍ମାଣ କାର୍ଯ୍ୟ, ଆଟଂଚିକ ଧୂଳି ଓ ଅନ୍ୟାନ୍ୟ ସ୍ଥାନୀୟ ଉତ୍ସ । ରାଜ୍ୟ ସରକାର କଠୋର ପଦକ୍ଷେପ ନେଇଥିବା ସତ୍ତ୍ୱେ ତଥ୍ୟ ଦର୍ଶାଉଛି ଯେ, କେବଳ ପିୟୁସି ପାଳନ ଦ୍ୱାରା ବାର୍ଦ୍ଧକ୍ୟାଜନ ସୁଧାର ଆସିବା କଠିନ, ଯଦି ଏହା ସହିତ ଗଛୀର ଓ ବ୍ୟାପକ ନୀତିଗତ ପଦକ୍ଷେପ ଯୋଗ ନହୁଏ । ବାୟୁ ଗୁଣମାନ ସୂଚକାଙ୍କ (ଏକ୍ୟୁଆଇ) ହେଉଛି ଦେଶସ୍ତରରେ ଗ୍ରହଣୀୟ ଏକ ସଂଯୁକ୍ତ ମାପକ, ଯାହା ପିଏମ୍୨.୫, ପିଏମ୍୧୦ (ପାର୍ଟିକୁଲେଟ ମ୍ୟାଟର) ନାଇଟ୍ରୋଜେନ ଡାଇଅକ୍ସାଇଡ୍, ଓଜୋନ୍ ଓ ଅନ୍ୟାନ୍ୟ ପ୍ରଦୂଷକ ଉପରେ ଆଧାରିତ । ୦–୫୦ ଏକ୍ୟୁଆଇକୁ ଭଲ, ୫୧–୧୦୦କୁ ମଧ୍ୟମ, ୧୦୧-୨୦୦କୁ ସମ୍ବେଦନଶୀଳ ଲୋକଙ୍କ ପାଇଁ ଅସ୍ୱାସ୍ଥ୍ୟକର ବୋଲି ମନାଯାଏ । ୩୦୧-୫୦୦ ମଧ୍ୟରେ ଏକ୍ୟୁଆଇ 'ଅତ୍ୟନ୍ତ ଖରାପ, ଗୁରୁତର' ଓ 'ବିପଜ୍ଜନକ' ଶ୍ରେଣୀରେ ପଡ଼େ । ଗତ ପନ୍ଦର ଦିନରେ ଭୁବନେଶ୍ୱରର ଏକ୍ୟୁଆଇ ୨୪୦- ୨୫୦ ମଧ୍ୟରେ ରହିଛି, ଯାହା 'ଅସ୍ୱାସ୍ଥ୍ୟକର/ଗୁରୁତର' ଶ୍ରେଣୀରେ ପଡ଼େ । ପିଏମ୍୨.୫ ଓ ପିଏମ୍୧୦ ଜାତୀୟ ମାନଦଣ୍ଡରୁ ଅଧିକ ଥିବାରୁ ଫୁସ୍ଫୁସ୍, ଶ୍ୱାସକୋଷ ଓ ହୃଦ୍‌ରୋଗୀ, ଶିଶୁ ଓ ବୃଦ୍ଧମାନେ ବାର୍ଦ୍ଧକ୍ୟମୟ ବାତାବରଣ ଶାରୀରିକ କାର୍ଯ୍ୟକଳାପ କରିବାରୁ ବଚିତ ହେଉଛନ୍ତି । ଐତିହାସିକ ତଥ୍ୟ ଦେଖିଲେ ଭୁବନେଶ୍ୱରର ବାୟୁ ଗୁଣମାନ କ୍ରମେ ଖରାପ ହୋଇଆସୁଛି । ୨୦୨୦ରେ ଔସତ ଏକ୍ୟୁଆଇ ୯୫ ଥିଲା । ୨୦୨୧ରେ ସର୍ବୋଚ୍ଚମ ୭୩ ରେକର୍ଡ ହୋଇଥିଲା । ପରେ ଏହା ୨୦୨୩ରେ ୮୯, ୨୦୨୪ରେ ୧୦୬ ଓ ୨୦୨୫ରେ ୧୨୧ ପହଞ୍ଚିଛି । କେବେକ ସମୟରେ ଏକ୍ୟୁଆଇ ୩୫୦ ଉପରକୁ (ଅତ୍ୟନ୍ତ ଖରାପ) ମଧ୍ୟ ଯାଇଛି । ଯାତାୟାତ ଉତ୍ସର୍ଜନ ଏଥିରେ ଏକ ପ୍ରମୁଖ ଉତ୍ସ ଭାବେ ଚିହ୍ନିତ । ତଥାପି, ଅନ୍ୟ ସହରମାନଙ୍କ ଅନୁଭବ ଦର୍ଶାଉଛି ଯେ, ପିୟୁସି ପାଳନ ଏକାକୀ ସ୍ଥାୟୀ ସମାଧାନ ନୁହେଁ । ବେଶର ରାଜଧାନୀ ଦିଲ୍ଲୀର ପ୍ରଦୂଷଣ ସମସ୍ୟାର ସମାଧାନ ହୋଇପାରିନାହିଁ । ଦିଲ୍ଲୀ ଏନସିଆର ପାଇଁ 'ବାୟୁ ଗୁଣମାନ ପରିଚାଳନା ଆୟୋଗ' (ସିଏକ୍ୟୁଏମ) ଗଠିତ ହୋଇଛି, ଯାହା ଯାନ, ଶିଳ୍ପ, ଫସଲ ଅବଶେଷ ଜଳାଣ, ନିର୍ମାଣ ଧୂଳି ପରି ବହୁ ଉତ୍ସକୁ ନେଇ ରାଜ୍ୟମାନଙ୍କ ମଧ୍ୟରେ ସମନ୍ୱୟ କରେ । ଏକ୍ୟୁଆଇ ମାନ ଅନୁଯାୟୀ ସିଏକ୍ୟୁଏମ ଗ୍ରେଡେଡ୍ ରେସୋନ୍ସ ଆକ୍ସନ୍ ପ୍ଲାନ୍ (ଜିଆରଏପି) ଲାଗୁ କରେ– ଯାନ ଚଳାଚଳ, ନିର୍ମାଣ କାର୍ଯ୍ୟ ଓ ଭାରୀ ଶିଳ୍ପ ଉପରେ ନିୟନ୍ତ୍ରଣ ସହ ଏହି ସମନ୍ୱିତ ପଦକ୍ଷେପ ଫଳରେ ପଞ୍ଜାବ ଓ ହରିୟାଣାରେ ଖେତ କଳା ଜଳାଣ ଘଟଣା ୫୦% ରୁ ଅଧିକ କମିଛି । ଏହି ପ୍ରସଙ୍ଗରେ, ଭୁବନେଶ୍ୱର ଓ ଅନ୍ୟ ନଗରମାନଙ୍କ ପାଇଁ ନୀତି ହେବା ଦରକାର– ବ୍ୟାପକ, ତଥ୍ୟାଧାରିତ ଓ ସମନ୍ୱିତ । ପ୍ରଥମେ, ବାୟୁ ନିରୀକ୍ଷଣ ଓ ରିପୋର୍ଟିଂକୁ ଶକ୍ତ କରିବା ଆବଶ୍ୟକ । ସମସ୍ତ ପ୍ରମୁଖ ସହରରେ ଏକ୍ୟୁଆଇ ମନିଟରିଂ ଷ୍ଟେସନ୍ ବଢ଼ାଇବା ଏବଂ ମାସିକ ଋତୁକାଳୀନ ରିପୋର୍ଟ ପ୍ରକାଶ କରିବା ଦରକାର । ଦ୍ୱିତୀୟତଃ, ବାୟୁ ପ୍ରଦୂଷଣ ପ୍ରତିରୋଧ ପରିଚାଳନାର ଅର୍ଥ- ପିୟୁସି କାର୍ଯ୍ୟାନୁଷ୍ଠାନ ସହ ଯାନ ନବୀକରଣ ନୀତି (ଇଭି ପ୍ରୋତ୍ସାହନ, ପୁରୁଣା ଯାନ ଉପରେ ନିୟନ୍ତ୍ରଣ), ନକଲି ପିୟୁସି କେନ୍ଦ୍ର ଉପରେ କଠୋର ପଦକ୍ଷେପ ଜାରି ରଖିବା ଆବଶ୍ୟକ । ତୃତୀୟତଃ, ନିର୍ଦ୍ଦିଷ୍ଟ ଉତ୍ସ ନିୟନ୍ତ୍ରଣ ସବୁଠୁ କରୁରି । ୨୦୨୩ରେ ପ୍ରକାଶିତ ଏକ ଗବେଷଣା ଦର୍ଶାଉଛି ଯେ ପିଏମ୍୧୦ ଉତ୍ସର ୩୦% ରାସ୍ତା ଧୂଳି, ୨୨.୬% ଯାନ, ୨୩.୫% ଗୃହସ୍ଥୁ ଓ ୪.୭% ଶିଳ୍ପ ଠାରୁ ଆସୁଛି । ନାଇଟ୍ରୋଜେନ ଅକ୍ସାଇଡ ୮୧% ଯାନ ଉତ୍ସର୍ଜନ ଦ୍ୱାରା ହେଉଛି । ଏହା ସ୍ପଷ୍ଟ କରେ ଯେ, ଧୂଳି ନିୟନ୍ତ୍ରଣ ସଙ୍ଗେ ସଙ୍ଗେ ଯାନ ଉତ୍ସର୍ଜନ ନିୟନ୍ତ୍ରଣ ବାୟୁ ଗୁଣମାନ ସୂଚକାଙ୍କ (ଏକ୍ୟୁଆଇ)କୁ ଅନୁକୂଳ ରଖିବାକୁ ହୁଏ ମୁଖ୍ୟ ଉପାୟ ଅଟେ । ଚତୁର୍ଥତଃ, ଜଟକ-ଭୁବନେଶ୍ୱର ବାର୍ଦ୍ଧକ୍ୟାଜନ ଯୋଜନା (୨୦୧୧), ଜଟକ-ଭୁବନେଶ୍ୱର ସିଡିପି, ବିକଶିତ ଓଡ଼ିଶା ଭିଜନ୍ ୨୦୩୬ (ଏଚ୍ ୨୦୪୭)ରେ ପ୍ରଦୂଷଣ ଲାଗି ଲକ୍ଷ୍ୟ ରଖାଯାଇଛି । ଆଇଆଇଟି ଖଡ଼ଗପୁର ଦ୍ୱାରା ପ୍ରସ୍ତୁତ, ଭୁବନେଶ୍ୱର ପାଇଁ ବ୍ୟାପକ ବିକାଶ ଯାଜନା (ସିଡିପି) ୨୦୩୦ରେ ମଧ୍ୟ ଏଥିଲାଗି ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି- ଯଦିଓ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପରିବେଶ ସୁରକ୍ଷା ଉପରେ ଅସମାନ ଦରକାର ରହିଛି । ଏସବୁରେ ପ୍ରଦୂଷଣ ନିୟନ୍ତ୍ରଣକୁ ମାପଯୋଗ୍ୟ ଲକ୍ଷ୍ୟ ସହ ସ୍ପଷ୍ଟଭାବେ ଯୋଡ଼ିବା ଦରକାର । ପଙ୍କସମତଃ, ଲୋକଙ୍କସୁଭିତ୍ତା ଓ ବ୍ୟାବହାରିକ ପରିବର୍ତ୍ତନ ଅତ୍ୟନ୍ତ ଆବଶ୍ୟକ । ସାର୍ବଜନୀନ ପରିବହନ, ସାଇକେଲର ଅଧିକ ଉପଯୋଗ, ଶିକ୍ଷାନୁଷ୍ଠାନ ଓ ବିଭିନ୍ନ କାର୍ଯ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନର କାର୍ଯ୍ୟ ସମୟ କ୍ରମାନୁସାରେ ନିର୍ଦ୍ଧାରଣ କରିବାକୁ ହେବ । ଏକ୍ୟୁଆଇ ସଚେତନତା ଅଭିଯାନର ମଧ୍ୟ ଅତ୍ୟନ୍ତ ଆବଶ୍ୟକତା ଅଛି । ଚିତ୍ରାଙ୍କ ପ୍ରମୁଖ ସହରମାନଙ୍କର ବାୟୁ ଗୁଣମାନ ଏକ ବହୁମାତ୍ରିକ ସମସ୍ୟାର ସମାଧାନ ଲାଗି ଯାନ ପ୍ରମାଣପତ୍ର କଠୋର କରାଯିବା କରୁରି ହେଲେ ମଧ୍ୟ, ଏହା ଏକାକୀ ପର୍ଯ୍ୟାପ୍ତ ନୁହେଁ । ପରିବହନ, ନଗର ଯୋଜନା, ଶିଳ୍ପ, ନିର୍ମାଣ ଓ ନାଗରିକ ଆଚରଣ- ସମସ୍ତ କ୍ଷେତ୍ରରେ ସମନ୍ୱିତ, ତଥ୍ୟାଧାରିତ ଓ ଲକ୍ଷ୍ୟଭୁକ୍ତ ପଦକ୍ଷେପ ଜାର୍ଯ୍ୟ ଆବଶ୍ୟକ । ପରିବେଶ ଆଜି ନଗର ବିକାଶ ନୀତିର ଏକ ଘୋଷିତ ଆଧାର, କିନ୍ତୁ ଏପର୍ଯ୍ୟନ୍ତ ନିୟାମୁଷ୍ଠାନର ମଜବୁତ ମୂଳ ହୋଇପାରିନି । 'ସବୁଜ ବାୟିତ୍ୱ' ହୋଇଥିବାରୁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରାୟ 'କାହାର ପ୍ରାଥମିକତା ନୁହେଁ' ହୋଇ ରହିଛି । ସୁଧାର ସମ୍ଭବ, କିନ୍ତୁ କ୍ଷଣିକ ଅଭିଯାନରେ ନୁହେଁ, ଦକ୍ଷ ପ୍ରଣାଳୀଗତ, ତଥ୍ୟାଧାରିତ ସ୍ଥାୟୀ ମାଧ୍ୟମରେ । ଏହି ବିଷୟ ଆଜି ସରକାରଙ୍କ ସମ୍ମୁଖରେ ଥିବା ଆହ୍ୱାନ ଅଟେ ।

ଢିଙ୍କିଶାଳରୁ ଢେଙ୍କାନାଳ : କାଶୀପୁରରୁ ମାଣ୍ଡିପଙ୍କା

ଗତ ସପ୍ତାହରେ ଛତ୍ରମାନ ଜିଲ୍ଲା ଦାରିଙ୍ଗାଡ଼ାଡ଼ି ବ୍ଲକ୍ ମାଣ୍ଡିପଙ୍କା ଗ୍ରାମରେ ଆୟ ଟାଙ୍କୁଆ ଜାଉ ଖାଇ ବୁଢ଼ ମହିଳାଙ୍କ ମୃତ୍ୟୁ ଘଟଣା

ସମାଜସେବୀ ବୈଦ୍ୟନାଥ ଦାଶଙ୍କ ସ୍ମୃତିଚାରଣ ସଭା

ଭଡ଼ତ,୨୭/୧(ନି/ପ୍ର):ଚିହିଡି ଅଂଚଳର ବର୍ଷିଆନ ସମାଜସେବୀ, ସରୋଜ ଅମିନ,ଚିହିଡି ଅଂଚଳର ବିଶିଷ୍ଟ କଳାକାର, ଚିହିଡି ଅଂଚଳର ବହୁ ସାଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠାତା ବୈଦ୍ୟନାଥ ଦାଶଙ୍କ ସ୍ମୃତି ଚାରଣ ସଭା ଚିହିଡି ବ୍ଲକ ଗୋବିନ୍ଦପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ତାଙ୍କ ପଇତପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ବୈଦ୍ୟନାଥ ଦାଶ ସରୁରୀ ଦଶକରେ କଲିକତାରେ ଏକ କ୍ଷୁଦ୍ର ବହି ଦୋକାନ କରି ବହୁ ଓଡିଆ ପିଲାଙ୍କୁ ମାଗଣାରେ ବହି ଯୋଗାଇବା ସହ ଓଡିଆ ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ସେ କଲିକତାରେ ଓଡିଆ ମାନଙ୍କୁ ଏକାଠି କରୁଥିଲେ । କଲିକତାରୁ ଫେରି ନିଜ ଫଂଚାୟତ ଅବିଭକ୍ତ ବାରସ ରେ ସେ ମାଗଣାରେ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ପ୍ରଦାନ କରୁଥିଲେ । ବାଦ୍ୟ, ସଂଗୀତ, ହାରମୋନିୟମ ଶିକ୍ଷା ସେ ପିଲାମାନଙ୍କୁ ଦେଉଥିଲେ । ବହୁ ଗରିବ ଲୋକଙ୍କ ଜମି ସେ ମାଗଣାରେ ମାପୁଥିଲେ । ଏକ ସଫଳ ଚାଷୀ ଭାବେ ଏକ ନିପଟ ମଫସଲରେ ସେ ପରିଚିତ ଥିଲେ । ଗୋବିନ୍ଦପୁର ଅଂଚଳର ଶିକ୍ଷା ଓ ଗମନାଗମନର ବିକାଶ ପାଇଁ ପ୍ରଶାସନ ପାଖରେ ସେ ସର୍ବଦା ଦାବି ଜଣାଉଥିଲେ । ତାଙ୍କ ମୃତ୍ୟୁରେ ଏକ ସ୍ମୃତିଚାରଣ ସଭା ଅବସରପ୍ରାପ୍ତ ଶିକ୍ଷକ ହରେକୃଷ୍ଣ ମହାକୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତିଚାରଣ ସଭାରେ ସିପିଆଇ(ଏମ) ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଯୁବନେତା ବିକାଶ ନାଥ, ବରିଷ୍ଠ ସିପିଆଇ(ଏମ) ନେତା ମଳୟ ଭୋଇ, ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡା, ଭତ୍ରକ ଓଜିଲ ସଂସର ପୂର୍ବତନ ସଂପାଦକ ବିଦ୍ୟସିଂହ ନାୟକ, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ପାଢୀ, ଓଡିଶା କୃଷକ ସଭା ଭତ୍ରକ ଜିଲ୍ଲା ସଂପାଦକ ପ୍ରଭାସ ମହାପାତ୍ର, ଓଡିଶା କୃଷକ ସଭା ଚାନ୍ଦବାଲି ବ୍ଲକ ସଂପାଦକ ଅଶୋକ ବେହେରା, ଓଡିଶା କୃଷକ ସଭା ଚିହିଡି ବ୍ଲକ ସଭାପତି ଭାଗବତ ସେନାପତି, ଜାଁପଡା ଗ୍ରାମ ପଚାଂୟତର ସିପିଆଇ(ଏମ) ଯୁବନେତା ଜ୍ୟୋତିର୍ମୟ ମଳିକ, ମହିଳା ନେତ୍ରୀ ସ୍ୱର୍ଣ୍ଣପ୍ରଭା ବଳ, ବିଜୟା ଲକ୍ଷ୍ମୀ ପାଢୀ, ସମାଜସେବୀ ଲକ୍ଷ୍ମୀଧର ବଳ, ଶିକ୍ଷାବିତ୍ ସୁରେନ୍ଦ୍ର ନାଥ ମାଝୀ, ଶିକ୍ଷାବିତ୍ ସନ୍ତୋଷ ବାସ, କୃଷକ ନେତା ବ୍ରହ୍ମାନନ୍ଦ ପରିଡା, ଶିକ୍ଷାବିତ୍ ଗୟାଧର ବଳ, ଶିକ୍ଷାବିତ୍ ଗଙ୍ଗାଧର ସାହୁ, ଶିକ୍ଷାବିତ୍ ମହେଶ୍ୱର ମଲ୍ଲିକ, ଶିକ୍ଷାବିତ୍ ମହେଶ୍ୱର ବାଶ, ବରିଷ୍ଠ ନାଗରିକ ନୃସିଂହ ଚରଣ ମହାକୁଡ, ଶିକ୍ଷାବିତ୍ ପ୍ରଦୀପ୍ତ କୁମାର ମିଶ୍ର, ଯୁବନେତା ମାନସ ରଞ୍ଜନ ନାୟକ, ଅବସରପ୍ରାପ୍ତ ଶିକ୍ଷକ ନିର୍ମଳ ବଳେଜ, ଗୋବିନ୍ଦପୁର ଫଂଚାୟତର ପୂର୍ବତନ ସରପଂଚ ମାନସ ରଞ୍ଜନ ସାହୁ, ଭାରତୀୟ ଜାତୀୟ କଂଗ୍ରେସ ପିରହାଟ ଜୋନ୍ ର ଯୁବନେତା ସର୍ବେଶ୍ୱର ବେହେରା, କୃଷକ ନେତା ସତ୍ୟମୂର୍ତ୍ତି ବେହେରା ପ୍ରମୁଖ ଯୋଗଦେଇ ସମାଜସେବୀ ବୈଦ୍ୟନାଥ ଦାଶଙ୍କ ସରଳ ଜୀବନ ଚର୍ଯ୍ୟା ଓ ତାଙ୍କ ସମାଜବାଦ ଆଦର୍ଶ ସଂପର୍କରେ ଆଲୋଚନା କରିଥିଲେ । ଶେଷରେ ତାଙ୍କ ମଧ୍ୟମ ପୁତ୍ର ସିପିଆଇ(ଏମ) ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ତଥା ଆଇନଜୀବୀ ବିଶ୍ବୁ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସ୍ମୃତିଚାରଣ ସଭାରେ ବୈଦ୍ୟନାଥ ବାବୁଙ୍କ ଜ୍ୟେଷ୍ଠପୁତ୍ର ବ୍ରହ୍ମାନନ୍ଦ ଦାଶ, କନିଷ୍ଠ ପୁତ୍ର ମହେଶ୍ୱର ଦାଶ ଙ୍କ ସମେତ ତାଙ୍କ ବଂଧୁ ବାନ୍ଧବ ପରିବାର ବର୍ଗ, ବହୁ ଶିକ୍ଷାବିତ୍, ଓକିଲ, ଆଶା ,ପାଚିକା , ସହାୟିକା, ଅଙ୍ଗନୱାଡି କର୍ମୀ, ନିର୍ମାଣ ଶ୍ରମିକ, ଚାଷୀ, ଭାଗଚାଷୀ, କ୍ଷେତମଜଦୁର ଓ ଶତାଧିକ ସାଧାରଣ ଜନତା ଉପସ୍ଥିତ ଥିଲେ ।

ଭଣ୍ଡାରିପୋଖରୀ ସାହିତ୍ୟ ସଂସଦ ସୁବର୍ଣ୍ଣ ଜୟନ୍ତୀ ଲୋଗୋ ଉନ୍ମୋଚିତ

ଭଡ଼ତ,୨୭/୧(ନି/ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ୭ ଓ ୮ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ ।ଏଥିପାଇଁ ସଂସଦର ଲୋଗୋ ରବିବାର ଦିନ ଭଡ଼ତ ସାଂସଦ ଅଭିମନ୍ୟୁ ସେଠୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି ।ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ପ୍ରକାଶ ମହାପାତ୍ର, ଉପସଭାପତି ଅଧ୍ୟାପକ ଅନାଦି ଚରଣ ସାହୁ,ସମ୍ପାଦକ ପବନ କୁମାର ନାୟକ,ପ୍ରାଧ୍ୟାପକ ସୁରଞ୍ଜନ ପଣ୍ଡା, କବି ରତିକାନ୍ତ ବେହେରା, ଅଧ୍ୟାପିକା ଯୋଷ୍ୟଶ୍ରୀ ସାମଲ ,ବିଜୟ ନାରାୟଣ ସାମଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ ।ଏହି ଅବସରରେ ଆଲୋଚନା ଚକ୍ର, କବିତା ପାଠୋତ୍ସବ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଇଂ. ରଣଜିତ୍ କୁମାର ଦାସଙ୍କ ପରଲୋକ

ସମ୍ବଲପୁର,୨୭/୧(ନି/ପ୍ର): ପୁରୁଣା ଭୁବନେଶ୍ୱର ସ୍ଥିତ ମହାଦାନ ରୋଡ୍‌ନିବାସୀ ବିଶିଷ୍ଟ ସମାଜସେବୀ ତଥା ଜଳସମ୍ପଦ ବିଭାଗର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଇଂ. ରଣଜିତ୍ କୁମାର ଦାସଙ୍କ ନିଜ ବାସଭବନରେ ଗତ ୨୩ ତାରିଖ ଦିନ ୩ଟା ୧୫ ମିନିଟ୍‌ସମୟରେ ୮୮ ବର୍ଷ ବୟସରେ ହୃଦଘାତ ଜନିତ ପରଲୋକ ହୋଇ ଯାଇଛି । ସେ ଜଣେ ଅତ୍ୟନ୍ତ ମେଳାପି , ମିଷ୍ଟଭାଷୀ , କର୍ତ୍ତବ୍ୟ ପରାୟଣ ଓ ପରୋପକାରୀ ବ୍ୟକ୍ତି ଭାବରେ ସମସ୍ତ ମହଲରେ ବେଶ୍ ସୁପରିଚିତ । ଦୀର୍ଘୀଘ୍ର ବର୍ଷରୁ ଅଧିକ ସମୟ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଥିବା ବେଳେ ଜଳସମ୍ପଦ ବିଭାଗର ଅନେକ ପ୍ରତିଷ୍ଠିତ କାର୍ଯ୍ୟ ତୁଲାଇଥିଲେ । ବିଶେଷ ଭାବରେ ମହାନଦୀ-ବିରୂପା ବ୍ୟାରେଜ ନିର୍ମାଣରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ସେ ଭାରତ ସରକାରଙ୍କ ଜାତୀୟ ଜଳ ବିକାଶ ସଂସ୍ଥାରେ ମଧ୍ୟ କାର୍ଯ୍ୟ କରିଥିଲେ, ତଥା ନଦୀ ସଂଯୋଗୀକରଣ ଏବଂ ଆନ୍ତଃ-ବେସିନ ଜଳ ସ୍ଥାନାନ୍ତର ଯୋଜନାରେ ଜଡିତ ଥିଲେ । ସେ ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତିବିଦ୍ୟାର ପ୍ରୋତ୍ସାହନରେ ଗଭୀର ଭାବରେ ଜଡିତ ଥିଲେ ଏବଂ ଇଞ୍ଜିନିୟର ଇନଷ୍ଟିଚ୍ୟୁସନ୍ ର ଓଡ଼ିଶା ରାଜ୍ୟ ଶାଖାର ସଚିବ ତଥା ଅଧ୍ୟକ୍ଷ ପଦରେ ରହିଥିଲେ । ସମାଜବାଦୀ ମୂଲ୍ୟବୋଧରେ ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଏବଂ ରାଜନୈତିକ ମାମଲାରେ ତାଙ୍କର ଆଗ୍ରହ ଥିଲା ।

ସମ୍ବଲପୁରରେ ଆମ ବସ୍ ନେଲା ଯୁବକଙ୍କ ଜୀବନ

ସମ୍ବଲପୁର,୨୭/୧(ନି/ପ୍ର): ଆମ ବସ ଆଜି ସମ୍ବଲପୁରରେ ଜଣଙ୍କ ଜୀବନ ନେଇଛି । ରବିବାର ଅଢଁାପାଲି ତଳି ଛକରେ ଆମ ବସ୍ ଧକ୍କାରେ ସମ୍ବଲପୁର ପ୍ରେସ କ୍ଲବ କର୍ମଚାରୀ ନିରଞ୍ଜନ ସାହୁ (୪୮)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ନିରଞ୍ଜନଙ୍କ ପରିବାରରେ ସ୍ତ୍ରୀ ଏବଂ ୭,୫ ବର୍ଷିୟ ଦୁଇ ଜଣ ଝିଅ ଏବଂ ଜଣେ ପୁଅ ଅଛନ୍ତି । ସେ ତାଙ୍କ ପରିବାରର ଏକମାତ୍ର ଉପାର୍ଜନକ୍ଷମ ବ୍ୟକ୍ତି ଅଟନ୍ତି । ତେଣୁ ତାଙ୍କ ପରିବାରକୁ ଆମ ବସ ପକ୍ଷରୁ ଅନ୍ୟୁନ ୨୫ ଲକ୍ଷ ଟଙ୍କା ପ୍ରଦାନ ପାଇଁ ପ୍ରେସ କ୍ଲବ ପକ୍ଷରୁ ଦାବି କରାଯାଇଛି । ଏ ସଂଦ୍ରାନ୍ତରେ ଆମ ବସ ଚାଳକଙ୍କୁ ପୁଲିସ ଅଟକ ରଖିଛି । ସୂଚନା ଅନୁଯାୟୀ, ରବିବାର ସଂଧ୍ୟାରେ ପ୍ରେସ କ୍ଲବରୁ ବିର୍ସାମୁଣ୍ଡା ପଡ଼ିଆରେ ଚାଲିଥିବା ପୁଷ୍ପକ ମେଳାକୁ ଚାଲିକି ଯାଉଥିଲେ ନିରଞ୍ଜନ । ଏହି ସମୟରେ ଅଢଁାପାଲି ଚକିଛକରେ ଚାରୁ ଗତିରେ ଆସୁଥିବା ଆମବସ୍ ଚାଳୁ ପଛପଟରୁ ଧକ୍କା ଦେଇଥିଲା । ଫଳରେ ନିରଞ୍ଜନ ରାସ୍ତା ପାର୍ଶ୍ୱକୁ ଛିଟକି ପଡ଼ିଥିଲେ । ସେଠାରୁ ତୁରନ୍ତ ତାଙ୍କୁ ଡାକ୍ତରଖାନାକୁ ନିଆଯାଇ ଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରାଯାଇ ଥିଲା । ଶବ ବ୍ୟବଚ୍ଛେଦ ପରେ ଆସନ୍ତାକାଲି ପରିବାରକୁ ମୃତ ଶରୀର ହସ୍ତାନ୍ତର କରାଯିବ ବୋଲି କହିଛନ୍ତି ଅଢଁାପାଲି ଥାନା ଆଇଆଇସି ପ୍ରଦ୍ୟୁମ୍ନ ଷାଣ୍ଡି । ଏହି ଦୁର୍ଘଟଣାକୁ ନେଇ ପ୍ରେସ କ୍ଲବସଦସ୍ୟମାନେ ଚୀଡ଼ ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି । କ୍ଲବ ସଦସ୍ୟ ଶ୍ରୁବଣ ପତି , ବାଦସାହା ଜୁସୁର ରଣା, ସଞ୍ଜୟ ଜେନା, ମାନସ ମାଝି ପ୍ରମୁଖ ଅଢଁାପାଲି ଥାନାରେ ପହଁଚି ପରିବାରକୁ ଅନ୍ୟୁନ ୨୫ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଦାବି କରିଛନ୍ତି । ଆରଟିଓ ରାମଦାସ ଟୁଡୁ, ଆମ ବସ ଜୁଟ ସମ୍ବଲପୁର ଶାଖା ପ୍ରବନ୍ଧକ ବିଶ୍ୱଜିତ ପଣ୍ଡାଙ୍କ ସହିତ ଆଲୋଚନା କରିଛନ୍ତି । ଅନୁଗୁଳ ଜିଲ୍ଲାର ଢେଙ୍କାର ଅଧିବାସୀ ନିରଞ୍ଜନ ଗତ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସମ୍ବଲପୁର ପ୍ରେସକ୍ଲବର ସଦସ୍ୟଭାବେ କାର୍ଯ୍ୟରତ ଥିଲେ । ଗତ କିଛି ଦିନ ହେଲା ସମ୍ବଲପୁରରେ ଲଗାତାର ସଡ଼କ ଦୁର୍ଘଟଣାରେ ଅମୂଲ୍ୟ ଜୀବନ ଚାଲି ଯାଉଛି । ମାତ୍ର ଏହାକୁ ନେଇ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ନେଇ ଅସନ୍ତୋଷ ବ୍ୟକ୍ତ କରାଯାଇଛି ।

କାରକୁ ପିଟିଲା ମାଲବାହୀ ଟ୍ରକ୍, ପ୍ରବଚକଙ୍କର ଶୋଚନୀୟ ମୃତ୍ୟୁ

ବାରିପଦା,୨୭/୧(ନି/ପ୍ର): ମୟୂରଭଞ୍ଜ ଜିଲ୍ଲା ବେଶିଙ୍ଗା ଥାନା ଅଧୀନ ୧୮ଙ୍କ ଜାତୀୟ ରାଜପଥର ସଡ଼ବେଳଜିଆ ଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦ୍ରୁତଗାମୀ ମାଲବାହୀ ଟ୍ରକ୍ ବ୍ଲକ ରାସ୍ତାରେ ଆସି କାରକୁ ପିଟିଲା ।ଘଟଣାସ୍ଥଳରେ କାର ଚାଳକଙ୍କ ପାଖରେ ବସିଥିବା ଗ୍ରାମ୍ୟ ଆଶ୍ରମର ପ୍ରବଚକ ଗଞ୍ଜାମ ଜିଲ୍ଲା ପୁଷ୍ପପୁର ଗ୍ରାମର ଏମ ଭାସ୍ତିରଥୀ ଦୁରାଙ୍କର ଶୋଚନୀୟ ମୃତ୍ୟୁ ଘଟିଥିବାବେଳେ ଚାଳକ ବେଶିଙ୍ଗା ଗ୍ରାମ୍ୟ ଆଶ୍ରମ ମୁଖ୍ୟ ଯୋଗ ଗୁରୁ ହେମନ୍ତ ପଣ୍ଡା ଗୁରୁତର ହୋଇଛନ୍ତି । ସେମାନେ ଭୁବନେଶ୍ୱରରେ ଏକ କାର୍ଯ୍ୟକ୍ରମ ସାରି ବେଶିଙ୍ଗା ଫେରୁଥିଲେ । ଘଟଣା ସ୍ଥଳରେ ବେଶିଙ୍ଗା ପୁଲିସ ରାସ୍ତାରୁ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଉଠାଇବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି ।

ଫୁଲବାଣୀ ଏମକେଏସପି ତରଫରୁ ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଂଟ

କନ୍ଧମାଳ, ୨୭/୧(ନି/ପ୍ର): ଏମ୍‌କେଏସ୍‌ପି ଭଲିବଲ୍ ଟୁର୍ଣ୍ଣାମେଂଟର ତୃତୀୟ ଦିବସରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ୍ ଟି ରାଇଜିଆ ଓ ରେଣ୍ଟମ୍ ସିଜ୍ ମଧ୍ୟରେ ପ୍ରଥମାର୍ଦ୍ଧରେ ଅନୁଷ୍ଠିତ ହୋଇଥିଲା । ସେଥିରେ ରେଣ୍ଟମ୍ ସିଜ୍ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି ।ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜିଲ୍ଲା ଜ୍ରୀଡ଼ା ଙ୍ଗର ସଂପାଦକ ତଥା ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରିଧାଠା , ସମ୍ମାନିତ ଅତିଥି ରୂପେ ସାମ୍ବାଦିକ ତଥା ଜ୍ରୀଡାବିତ୍ ପ୍ରଶାନ୍ତ କୁମାର ବେହେରା ଏବଂ ଜ୍ରୀଡାବିତ୍ ଅଶୋକ ପଟ୍ଟନାୟକ ଯୋଗଦେଇ ଏମ୍‌କେଏସ୍‌ପି ଦ୍ୱାରା ଆୟୋଜିତ ଏହି ଫଂଚ ଦିବସୀୟ ଟୁର୍ଣ୍ଣାମେଂଟ ବିଜିନ୍ନ ଜିଲ୍ଲାର ଖେଳାଳୀଙ୍କୁ ଦକ୍ଷତା ପ୍ରଦର୍ଶନରେ ସହାୟକ ହେବ ବୋଲି ମତପୋଷଣ କରିଥିଲେ । ସେପରି ଦ୍ୱିତୀୟାର୍ଦ୍ଧରେ ଗଜପତି ଜିଲ୍ଲାର ଖୋଲି ସିଜ୍ ଟିମ୍ ଓ କୁର୍ତ୍ତମଗଡ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଖେଳାଯାଇଥିଲା ଏବଂ ଖୋଲି ସିଜ୍ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି । ଉଭୟ ମ୍ୟାଚର ରେଫରୀ ଭାବରେ ଜ୍ରୀଡା ଶିକ୍ଷକ ଗୌରୀଚନ୍ଦ୍ର ମହାଜି ଦାୟିତ୍ୱ ନିର୍ବାହ କରିଥିଲେ । ଏହି ମ୍ୟାଚରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ଜିଲ୍ଲା ମଜାଜ ଅଧିକାରୀ ସୀମାଂଚଳ ବେହେରା ଯୋଗଦେଇ ଜ୍ରୀଡାବିତ୍ ମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବାରେ ଖେଳ ଶ୍ରେଷ୍ଠ ମାଧ୍ୟମ ବୋଲି ପ୍ରକାଶ କରିବା ସହ ଏମ୍ କେ ଏସ୍ ପି ଦୀର୍ଘ ଛଅ ଦଶନ୍ଧିକୁ ଊର୍ଦ୍ଧ୍ୱ ସମୟ ସାହିତ୍ୟ, ସଂସ୍କୃତି ଓ ଜ୍ରୀଡାର ପ୍ରସାର ପାଇଁ ପଦକ୍ଷେପ ନେଇ ଆସୁଥିବାରୁ ତାହାର ଭୂୟସୀ ପ୍ରଶଂସା କରିଥିଲେ । ଏମ୍‌କେଏସ୍‌ପି ସଭାପତି ବିଜୟକୃଷ୍ଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଟୁର୍ଣ୍ଣାମେଂଟରେ ଜୋଷ୍ଠାଧ୍ୟକ୍ଷ କିଶୋର ମିଶ୍ର, ଉପଦେଷ୍ଟା ପ୍ରତାପ ପାତ୍ର, ବିଜୟ ମହାଜି, ବିପିନ୍ ପଟ୍ଟନାୟକ, ସତ୍ୟବ୍ରତ ପାତ୍ର, ଶଶୀଭୂଷଣ ପ୍ରଧାନ, ବିଲ୍ଲୀପ ବାଘ, ରଜତ ପଟ୍ଟନାୟକଙ୍କ ସମେତ ଉପସଭାପତି ପ୍ରସନ୍ନ ବିଷୋୟୀ, ପ୍ରଭାତ ବାଗ୍, ଶରତ ପଟ୍ଟନାୟକ ଓ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କ ସହଯୋଗରେ ତୃତୀୟ ଦିବସର ଦୁଇଟି ମ୍ୟାଚ୍ ସଫଳତାର ସହ ଆୟୋଜିତ ହୋଇଥିଲା । ଆସନ୍ତାକାଲି ଦୁଇ ବିଜୟୀ ଦଳଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ସୁଇଟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଖୁବଶୀଘ୍ର ଏଆଇ-ଏମଏଲ ଲ୍ୟାବ୍ ପ୍ରତିଷ୍ଠା ହେବ : ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର,୨୭/୧(ନି/ପ୍ର): ବର୍ତମାନ ସମୟରେ ବିନା ଇନୋଭେସନରେ ଟେକ୍ନୋଲୋଜିର ବିକାଶ ଅସମ୍ଭବ । ଓଡ଼ିଶା ସରକାରଙ୍କ ସହାୟତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଖୁବ ଶୀଘ୍ର ଏଆଇ(ଆର୍ଟିଫିସିଆଲ ଇଂଟେଲିଜେନ୍ସ) ଏବଂ ଏମଏଲ(ମେସିନ ଲର୍ଣ୍ଣିଂ) ଲ୍ୟାବ ସ୍ଥାପନ କରାଯାଉଛି । ଏହା କେବଳ ଏକ ଭିତ୍ତିଭୂମି ନୁହେଁ, ବରଂ ଓଡ଼ିଶାର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏକ ବଡ଼ ମାଇଲଖୁଂଟ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ସମ୍ବଲପୁର ବିଶ୍ୱବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ ପରିସରରେ ଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ପ୍ରଯୋଗାତ୍ମକ ସଂସ୍ଥାନ(ସୁଇଟ) ଠାରେ ପାଖାପାଖି ୧୭୫ କୋଟି ଟଙ୍କା ବିନିମୟରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ବିଶ୍ୱବିଦ୍ୟାଳୟର ୫୯ ବର୍ଷ ପୂର୍ତି ଅବସରରେ ଏହି ପ୍ରକଳ୍ପଗୁଡ଼ିକ ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି । ଶ୍ରୀ ପ୍ରଧାନ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଉପଲବ୍ଧି ଉପରେ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି ଅଧୀନରେ ନ୍ୟାସନାଲ ରିସର୍ଚ ଫାଉଣ୍ଡେସନ(ଏନ୍‌ଆର୍‌ଏଫ୍)ର ପରିକଳ୍ପନା କରାଯାଇଛି, ଯେଉଁଥିରେ ଯୋଗ୍ୟତା ଆଧାରରେ ଭାରତ ସରକାର ଗବେଷଣା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଅନୁଦାନ ଦେଉଛନ୍ତି । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏନଆଇଟି ରାଉରକେଲା ସହ ଅନୁବନ୍ଧିତ ହୋଇ ପ୍ରଥମ ଥର ପାଇଁ ୧୩ କୋଟି ଟଙ୍କାର ରିସର୍ଚ ଫଣ୍ଡ ପାଇଛି , ଯାହା ଏକ ବଡ଼ ଉପଲବ୍ଧି । ଏଥିସହ ୧୪ଟି ନୂଆ ପେଟେଂଟ ମଧ୍ୟ ଆରମ୍ଭ ହୋଇଛି ଯାହା ଆଜିର ଅତ୍ୟାଧୁନିକ ଜ୍ଞାନର ଆଧାର ହୋଇଛି । ଜଣେ ଇତିହାସ ବା ପରାର୍ଥ ବିଜ୍ଞାନର ଛାତ୍ର ହୁଅନୁ ସମସ୍ତଙ୍କ ପାଇଁ ଏଆଇ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେବାକୁ ଯାଉଛି । ଏଭଳି ସମୟରେ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟରେ ଏଆଇ ଏବଂ ଏମଏଲ ବିଶ୍ୱବିଦ୍ୟାଳୟର ଗାରିମାକୁ ବଢାଇବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମେତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଭିମସାର, ଭିସୁଟ, ଆଇଆଇଏମ, ଓଡ଼ିଶା ଓପନ ୟୁନିଭର୍ସିଟି ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ରହିଛି । ଏହି ସମସ୍ତ ଅନୁଷ୍ଠାନର ସମନ୍ୱୟରେ ସମ୍ବଲପୁରକୁ ଏକ 'ଜ୍ଞାନ ଆଧାରିତ ଅର୍ଥନୀତି' କେନ୍ଦ୍ରରେ ପରିଣତ କରିବାକୁ ହେବ । କେବଳ ଚାକିରି ପଛରେ ନଗୋଡ଼ାଳ, ନିଜେ ଜଣେ ଜଣେ 'ଓ୍ୱେଲଥ୍ କ୍ରିଏଟର' ବା ଉଦ୍ୟୋଗୀ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବାକୁ ହେବ । ଏ ଦିଗରେ ସମ୍ବଲପ

ରାଉରକେଲାରେ ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ

ରାଉରକେଲା,୨୭/୧(ନି/ପ୍ର): ସହର ପ୍ରଶାସନ ପକ୍ଷରୁ ଉଦିତନଗର ପଡ଼ିଆଠାରେ ୭୭ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ଉତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଧବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ଶ୍ରୀ ଯାଧବ ଭାରତର ସମ୍ବିଧାନ ପ୍ରଣେତା ବାବା ଭୀମରାଓ ଆମ୍ବେଦକରଙ୍କୁ ମନେ ପକାଇବା ସହ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନକୁ ମନେପକାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଅଭିଭାଷଣ ଦେଇ ମୁଖ୍ୟ ଅତିଥି ଶ୍ରୀ ଯାଧବ କହିଥିଲେ ଯେ, ରାଉରକେଲାର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏହାର ସାମାଜିକ ଚଳଣି ଓ ଭାଇଚାରାର ପରମ୍ପରା ନିଆରା ରହିଛି । ରାଉରକେଲା ମହାନଗର ନିଗମର ପ୍ରୟାସରେ ସହରର ପରିମଳ ବ୍ୟବସ୍ଥା ସୁଦୃଢ ହୋଇପାରିଛି । ସହରରେ ସ୍ୱଚ୍ଛତା ଦିଗରେ କରାଯାଉଥିବା ବିଭିନ୍ନ ପଦକ୍ଷେପ ତଥା ସ୍ୱଚ୍ଛ ରହିବା ସହରକୁ ପରିଷ୍କାର ରଖିବା ଲାଗି ଲୋକମାନଙ୍କୁ ପ୍ରୋତ୍ସାହନ ସହିତ ଜନସଚେତନ କରିବା ପ୍ରସଙ୍ଗଶନୀୟ । ରାଉରକେଲାକୁ ଏକ ସ୍ୱଚ୍ଛ ଓ ସୁନ୍ଦର ସହର ଗଠନ ଦିଗରେ ସମସ୍ତେ ସହଯୋଗ କରିବାକୁ ଶ୍ରୀ ଯାଧବ ଆହ୍ୱାନ ଦେଇଥିଲେ । ଏହା ବ୍ୟତୀତ ସେ କହିଥିଲେ ଯେ ୨୦୨୩ରେ ସୁସ୍ଥ ହବି ବିଶ୍ୱକପ୍, ହବି ପ୍ରୋ-ଲିଗ୍, ହବି ଇଣ୍ଡିଆ ଲିଗ୍ ରାଉରକେଲାରେ ସଫଳତାର ସହିତ ଆୟୋଜନ ପରେ ରାଉରକେଲା ଚ୍ଛାତ୍ରା ହବ ହୋଇପାରିଛି କ୍ଷ ରାଉରକେଲାର ଖେଳାଳି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଦେଶର ପ୍ରତିନିଧିତ୍ୱ କରି ସୁନ୍ଦରଗଡ଼ ଜିଲ୍ଲା ସହିତ ରାଉରକେଲା ପାଇଁ ଗୌରବ ଆଣିଛନ୍ତି । ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ରିଜର୍ଭ ପୋଲିସର ସମିତ ସାମଲଙ୍କ ନେତୃତ୍ୱରେ ମିଳିତ ପ୍ୟାରେଡ ହୋଇଥିଲା । ପ୍ୟାରେଡରେ ୫୨ଟି ଦଳ ଅଂଶ ଗ୍ରହଣ କରିଥିଲେ । ପ୍ୟାରେଡ ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଚ୍ରାଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚ୍ରାଡ଼ା ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା । ଏଥି ସହ ସ୍କୁଲ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ୭୭ତମ ସାଧାରଣତନ୍ତ୍ର ଦିବସ ସମାରୋହରେ ପଣ୍ଡିମାଙ୍ଗଳ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀପା ଦସ୍ତଗୀର, ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ଖୁଣ୍ଟିଖୁଣ୍ଟି, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାଟିମା ଏକ୍କା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ରାଉରକେଲା ମୁଖ୍ୟମନ୍ତ୍ରୀଙ୍କ ଅନ୍ତେବାସୀ ଓ ରାଉରକେଲା ସରକାରୀ ବିଜ୍ଞାନକଲେଜ ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସୀମା ଫାଟିମା ଏକ୍କା ଓ ଶ୍ରୀକାନ୍ତ ଷଡଙ୍ଗୀ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବହୁ ସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ଥିଲେ ।

ରାଉରକେଲା ସମ୍ବାଦପତ୍ର ବିତରକ ସଂଘ (ସିଆଇଟିୟୁ) ପକ୍ଷରୁ ବନ୍ଧୁମିଳନ ଓ ଆଲୋଚନାଚକ୍ର

ରାଉରକେଲା,୨୭/୧(ନି/ପ୍ର): ଆଜି ରାଉରକେଲା ଖବରକାଗଜ ବିତରକ ସଂଘ ବା ହକର୍ସ ଆସୋସିଏସନ୍ (ସିଆଇଟିୟୁ) ପକ୍ଷରୁ ସେକ୍ଟର-୯ ସ୍ଥିତ ଲୁସୁନ୍ ପାର୍କ ଠାରେ ବନ୍ଧୁମିଳନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନ ଓ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ଯୋଗ ଦେଇଥିଲା ବେଳେ, ସମ୍ମାନୀୟ ଅତିଥି ଭାବେ ରାଉରକେଲା ହକର୍ସ ଆସୋସିଏସନର ସଭାପତି ତଥା ସିଆଇଟିୟୁ ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତି ମଂଚ ପରିଚାଳନା କରିଥିଲେ । ଅନ୍ୟାନ୍ୟ ସମ୍ମାନୀୟ ଅତିଥି ଭାବେ ହକର୍ସ ଆସୋସିଏସନର ସାଧାରଣ ସମ୍ପାଦକ ତଥା ସିଆଇଟିୟୁ ରାଜ୍ୟ ସମ୍ପାଦକ ବିମାନ ମାଇତି, ବସନ୍ତ ନାୟକ, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାସ, ଚନ୍ଦ୍ରଭାନୁ ବାସ, ବି.ପି. ମହାପାତ୍ର, ସିଆଇଟିୟୁ ଜିଲ୍ଲା ସମ୍ପାଦକ ରାଜକିଶୋର ପ୍ରଧାନ, ପ୍ରଭାତ ମହାନ୍ତି, ଅକ୍ଷୟ ରାଉତ, ପ୍ରଭାତ ମଲ୍ଲିକ, ଆର୍ତତ୍ରାଣ ମହାପାତ୍ର, ସୁଭାଷ ଖୁଣ୍ଟିଆ, ଲକ୍ଷ୍ମୀ ନାରାୟଣ ହୋତା, ସାମ୍ବାଦିକ ବିବେକ ବାସ, ସଂଗ୍ରାମ ଭୂୟାଁ, ରାଉରକେଲା ହକର୍ସ ଆସୋସିଏସନ୍ କୋଷାଧ୍ୟକ୍ଷ ଆର୍ତତ୍ରାଣ ବେହେରା, ସହ-ସମ୍ପାଦକ ଜିଶୋର ରାଉତ, ସହ-କୋଷାଧ୍ୟକ୍ଷ ମିହିର ପାତ୍ର, ମନୋଜ ପଟ୍ଟନାୟକ ପ୍ରମୁଖ ମଂଚାସୀନ ଥିଲେ । ମୁଖ୍ୟ ଅତିଥି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଆଜିର ସମୟରେ ସମ୍ବାଦପତ୍ରର ଚାହିଦା କମିଯାଇଛି । ପ୍ରତିକୂଳ ପରିସ୍ଥିତିରେ ସମ୍ବାଦପତ୍ରର ଚାହିଦା ବଢାଇବା ପାଇଁ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ଅନୁକୂଳ ପରିସ୍ଥିତିରେ ସବୁ ସମ୍ଭବ, କିନ୍ତୁ ପ୍ରତିକୂଳ ପରିସ୍ଥିତିରେ ସମ୍ବାଦପତ୍ରମାନ ନିଜର ଚାହିଦା ବୃଦ୍ଧି ପାଇଁ ବୃହତ୍ ସହରରେ ନିଜର ଶାଖା ଖୋଲିବା ସହିତ ପ୍ରଚାର ଓ ପ୍ରସାର ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ହୋଇପଡିଛି । ସମ୍ବାଦ ଖବରକାଗଜ ଯେପରି ସମଗ୍ର ଓଡିଶାରେ ଦ୍ରୁତ ଖୋଲି ଲୋକାଦୃତ ହୋଇଛି, ସେପରି ହେବା ଆବଶ୍ୟକ । ଖବରକାଗଜ ବିତରକଙ୍କ ସମସ୍ୟାକୁ ନେଇ ସେ ବିଧାନସଭାରେ ପ୍ରଶ୍ନ ଉତ୍ଥାପନ କରିବାକୁ ଏହି ବନ୍ଧୁମିଳନ ଓ ଆଲୋଚନାଚକ୍ରରେ କହିଥିଲେ ।

ବିଭିନ୍ନ ସଂଗଠନ ପକ୍ଷରୁ ୭୭ତମ ଗଣତନ୍ତ୍ର ଦିବସ ପାଳିତ

ଗୃହସ୍ଥୀ ଉଦ୍ୟୋଗ: ଗୃହସ୍ଥୀ ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍ ପରିସରରେ ୭୭ତମ ଗଣତନ୍ତ୍ର ଦିବସ ଅତ୍ୟନ୍ତ ଉତ୍ସାହ ଓ ଦେଶଭକ୍ତି ଭାବନା ସହ ପାଳନ କରାଗଲା । କାର୍ଯ୍ୟକ୍ରମର ଆରମ୍ଭ ସିଏମଡି ଶ୍ରୀ ଗଣେଶ ପ୍ରସାଦ ବଗଡ଼ିଆ, ଡାଇରେକ୍ଟର ଶ୍ରୀମତୀ ମଞ୍ଜୁ ଦେବୀ ବଗଡ଼ିଆ ଏବଂ ସିଇଓ ଶ୍ରୀ ଅମିତ ଅଗ୍ରୱାଲଙ୍କ ଦ୍ୱାରା ଧ୍ୱଜାରୋହଣ ସହ ହେଲା । ପରେ ବରଦାରରେ ସଜା ଗୋମାତା, ଗୁରୁମାତା ଓ ପିତୃପୁରୁଷଙ୍କ ସମ୍ମୁଖରେ ଦୀପ ପ୍ରଜ୍ୱଳନ କରାଗଲା । ଉପସ୍ଥିତ ସମସ୍ତ ସମ୍ମାନିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦ୍ୱାରା ସ୍ୱାଗତ କରାଗଲା । ତାପରେ ଜାତୀୟ ସଙ୍ଗୀତ ପାଠ କରାଗଲା । ଗଣତନ୍ତ୍ର ଦିବସ ଅବସରରେ ଅତିଥିମାନେ ତାଙ୍କର ପ୍ରେରଣାଦାୟକ ବିଚାର ଅଂଶୀଦାର କରିଥିଲେ । ପରବର୍ତୀ ପର୍ଯ୍ୟାୟରେ ରଙ୍ଗୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା, ଯେଉଁଥିରେ କର୍ମଚାରୀ ଓ ଶିଶୁମାନେ ଉତ୍ସାହର ସହ ଭାଗ ନେଇଥିଲେ । ଜନମ ପ୍ରଦର୍ଶନ ପାଇଁ ପ୍ରତିଭାଗୀମାନଙ୍କୁ ପୁରସ୍କୃତ କରାଗଲା । ସ୍କୁଲ ଶିଶୁମାନେ ମଧ୍ୟ ଏହି ଉତ୍ସବରେ ଭାଗ ନେଇଥିଲେ । ସମସ୍ତ ଶିଶୁ ଓ କର୍ମଚାରୀମାନଙ୍କୁ ଟିଫିନ୍ ଏବଂ ମିଠା ପ୍ୟାକେଟ୍ ବଣ୍ଟନ କରାଗଲା । କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା ଶ୍ରୀମତୀ ସୁଭାଶ୍ରୀ ରାୟଙ୍କ ଦ୍ୱାରା କରାଯାଇଥିଲା । ଏହି ଆୟୋଜନରେ ସିଇଓ ଶ୍ରୀ ଅମିତ ଅଗ୍ରୱାଲ, ସୁଭାଶ୍ରୀ ରାୟ, ସଙ୍ଗୀତା ଝୁଣ୍ଟୁ, ପ୍ରଫୁଲ୍ଲ ପାତ୍ର, ଅବିନାଶ ମିଶ୍ର, ସୁଲେଖା ଠାକୁର, ଟି. ପୁରୁଷୋତମ ଓ ପ୍ରମିଳା ସାଣ୍ଡଲଙ୍କ ଗୁରୁତ୍ୱପୂର୍ଣ୍ଣ ସହଯୋଗ ରହିଥିଲା । ଏଭଳିଭାବେ ଗୃହସ୍ଥୀ ଉଦ୍ୟୋଗର ଗଣତନ୍ତ୍ର ଦିବସ ଉତ୍ସବ ଆନନ୍ଦ ଓ ଉତ୍ସାହର ସହ ସମ୍ପନ୍ନ ହୋଇଥିଲା ।

କର୍ଣ୍ଣଲିଷ୍ଟସ୍ ଆସୋସିଏସନ: ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହୋଇଥିଲା । ଆଜି ସମସ୍ତ ଦେଶରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିବା ବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନିଜ ନିଜ କାର୍ଯ୍ୟାଳୟ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି । କର୍ଣ୍ଣଲିଷ୍ଟସ୍ ଆସୋସିଏସନ ରାଉରକେଲା କାର୍ଯ୍ୟାଳୟ ପରିସରରେ ଆଜି ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ସତ୍ୟାନନ୍ଦ ମହାନ୍ତି ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ସତ୍ୟାନନ୍ଦ ମହାନ୍ତି ଯୋଗଦେଇ ସଂଯୋଜନା କରିଥିଲାବେଳେ, କର୍ଣ୍ଣଲିଷ୍ଟସ୍ ଆସୋସିଏସନର ସଭାପତି ବିରଟି ନାରାୟଣ ପଟ୍ଟନାୟକ, ସାଧାରଣ ସମ୍ପାଦକ ଅରୁଣ ବାଶ, ସହ-ସମ୍ପାଦକ ଗୟୁର ଓରାମ, ଉପସଭାପତି ଲୁଜବିହାରୀ ରାଉତ, ପି ପି ରାୟ, ସମାଜସେବୀ ଶୈଳେନ୍ଦ୍ର ମହାନ୍ତି, ପ୍ରମୋଦ କୁମାର ନାଚୁଲ୍ୟ, ସାମ୍ବାଦିକ ରଜନୀକାନ୍ତ ସ୍ୱାଇଁ, ସନ୍ତୋଷ ସ୍ୱାଇଁ, ସସ୍ମିତା ପ୍ରଧାନ, ସୁଦୀପ ଦେ, ବିଶ୍ୱାସ ଶର୍ମା, ଶୈଳେନ୍ଦ୍ର କୁମାର ସାହୁ, ସରୋଜ ବେହେରା, ସରୋଜ କୁମାର ଜେନା, ବିବେକ ବାସ, ସୁଶେଣ ନନ୍ଦ, ରାଜଦୀପ ମହାନ୍ତି, ସୁମନ୍ତ ଜେନା, କମଳାକାନ୍ତ ରାଉତ, ବିମଳ ପଟ୍ଟନାୟକ, ରାକେଶ ଫିନ୍ଦ, ଆମିନ୍ ଖାଁ, ଇରଶାଦ୍ ଖାଁ, ଯୋମ୍ପାଦଞ୍ଜନ ରାଉତ, ରାଜୁ ମହାପାତ୍ର, ନରେନ୍ଦ୍ର ସିଂ କାଲା, ଇନ୍ଦ୍ର, ଛୁମର ବେହେରା, ଦୀନେଶ ମିଶ୍ର, ପ୍ରମୋଦ କରସେଦ ଆଦଭୋଙ୍କେଟ ପ୍ରବାଳ ରଞ୍ଜନ ବାରିକ୍ ପ୍ରମୁଖ ଉପସ୍ଥିତ ହୋଇ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିଥିଲେ ।

ଚ୍ରାହ୍ମଣ କଲ୍ୟାଣ ସଭା: ଚ୍ରାହ୍ମଣ କଲ୍ୟାଣ ସଭା ପକ୍ଷରୁ ନିର୍ମଳ ମାର୍କେଟ ସ୍ଥିତ ସମାଜ କାର୍ଯ୍ୟାଳୟ ସମ୍ମୁଖରେ ୭୭ତମ ଗଣତନ୍ତ୍ର ଦିବସ ଅତ୍ୟନ୍ତ ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଚ୍ରାହ୍ମଣ କଲ୍ୟାଣ ସଭାର ସଭାପତି ବିନୟ ଶର୍ମା ପତାକା ଉତ୍ତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମାଜର ଉପସଭାପତି ବିଜୀତ ଶର୍ମା, ଟିଙ୍କୁ ଚୌମାଲ, ସମ୍ପାଦକ ସଞ୍ଜୟ ସିଖୁଆଲ, କୋଷାଧ୍ୟକ୍ଷ ଜୟପ୍ରକାଶ ଶର୍ମା, ସହ-ସମ୍ପାଦକ ପ୍ରଦ୍ୟୁମ୍ନ ଶର୍ମା, ମହେଶ ଶର୍ମା, ପୂର୍ବତନ ସଭାପତି ଜୟବୀର ହରିତ, ଭଣ୍ଡିଲାଲ ଚୋଟିଆ, ପୁରାରୀ ଲାଲ ଚୌମାଲ ଏବଂ ଶ୍ରବଣ ପାରିକ୍ ଉପସ୍ଥିତ ଥିଲେ । ଏଥିସହିତ ବିପ୍ର ଫାଉଣ୍ଡେସନ ରାଉରକେଲା ଶାଖାର ସଭାପତି ସୁଭାଷ ଚୋଖାଙ୍କ ସମେତ ମୁଜେଶ ମହର୍ଷି, ଶିବ ଶର୍ମା, ପ୍ରମୋଦ ଶର୍ମା, ଗଜାନନ୍ଦ ପାରିକ, ରବିକାନ୍ତ ଶର୍ମା ଓ ବିନୋଦ ଶର୍ମା ମଧ୍ୟ ଏହି ଅବସରରେ ସାମିଲ ହୋଇଥିଲେ ।

ବିପ୍ର ଫାଉଣ୍ଡେସନ: ବିପ୍ର ଫାଉଣ୍ଡେସନ ପକ୍ଷରୁ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ୱର୍ଗତ ପଣ୍ଡିତ ମହାବୀର ଜୀଙ୍କ ସ୍ମୃତିରେ ୨ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିପ୍ର ଫାଉଣ୍ଡେସନ ଏବଂ ବିପ୍ର ଫାଉଣ୍ଡେସନ ମହିଳା ପ୍ରକୋଷ୍ଠ, ରାଉରକେଲା ଶାଖା ପକ୍ଷରୁ ଆମର ଜାତୀୟ ପର୍ବ ୭୭ତମ ଗଣତନ୍ତ୍ର ଦିବସକୁ 'ସର୍ବଭୌତିକ ଅନାଥ ଆଶ୍ରମ'ର ପିଲାମାନଙ୍କ ଗହଣରେ ଅତ୍ୟନ୍ତ ହର୍ଷୋଲ୍ଲାସର ସହ ପାଳନ କରାଯାଇଛି । ରାଉରକେଲା ଶାଖାର ସଭାପତି ଶ୍ରୀ ସୁଭାଷ ଚୋଖା ଏବଂ ମହିଳା ପ୍ରକୋଷ୍ଠର ସଭାନେତ୍ରୀ ଶ୍ରୀମତୀ ସୀମା ଚୌମାଲଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା । ଉପସ୍ଥିତ ସମସ୍ତ କର୍ମଚାରୀ ଜାତୀୟ ସଙ୍ଗୀତ ଗାନ କରିବା ସହ ଜାତୀୟ ପତାକାକୁ ସଲାମୀ ଦେଇଥିଲେ । ଏହାପରେ ଆଶ୍ରମର ସମସ୍ତ ପିଲା ଏବଂ କର୍ମଚାରୀଙ୍କୁ ଲଡୁ, ସମସ, ଚଟଣି ଓ କେଲେବି କଳସୁଆ ବଣ୍ଟନ କରାଯାଇଥିଲା । ସମସ୍ତଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଛି ।

ମିଡ଼ିଆ କ୍ଲବ: ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପା:ରାଉରକେଲା ମିଡ଼ିଆ କ୍ଲବ ପକ୍ଷରୁ ସେକ୍ଟର - ୨୧ ସ୍ଥିତ କାର୍ଯ୍ୟାଳୟ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ନେତ୍ରା ର ସଭାପତି ଙ୍କ ବିମଳ ବିଶି ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ଆଇ.ଏଚ.ଆର.ସି ର ଜିଲ୍ଲା ସଭାପତି ଙ୍କ କୁମାର ବେହେରା, ବରିଷ୍ଠ ସାମ୍ବାଦିକ ସତ୍ୟାନନ୍ଦ ମହାନ୍ତି, ଆରଏସପି ର ପ୍ରାକ୍ତନ ଜିଏମ ଙ୍କ ଗୋପୀନାଥ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ସତ୍ୟାନନ୍ଦ ବେହେରା ସଂଯୋଜନା କରିଥିଲେ କ୍ଷ ।ଇପ ସଭାପତି ନିରଞ୍ଜନ ଦାସ, ସାଧାରଣ ସମ୍ପାଦକ ଦିବେକାନନ୍ଦ ଦାସ, ବରିଷ୍ଠ ସାମ୍ବାଦିକ ଅନିଲ ମହାନ୍ତି, ଲୁଜବିହାରୀ ରାଉତ, ପ୍ରମୋଦ ନାଚୁଲ୍ୟ, ଶୈଳେନ୍ଦ୍ର ମହାନ୍ତି ପ୍ରମୁଖ ଆଲୋଚନା କରିଥିଲେ ।

ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ

ସୁନ୍ଦରଗଡ଼,୨୭/୧(ନି/ପ୍ର): ସୁନ୍ଦରଗଡ଼ ସଦର ମହକୁମାଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହିତ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଡ଼ା ମହାପାତ୍ର ସମସ୍ତ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମ୍ବିଧାନ ସଭାର ଅଧ୍ୟକ୍ଷ ଏବଂ ସମସ୍ତ ସଦସ୍ୟଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସେହିଭଳି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ 'ସମ୍ବିଧାନରେ ଭାରତକୁ ଏକ ଗଣତାନ୍ତ୍ରିକ , ଧର୍ମନିରପେକ୍ଷ, ସମାଜବାଦୀ, ସାଧାରଣତନ୍ତ୍ର ରାଷ୍ଟ୍ର ଭାବେ ଗ୍ରହଣ କରିବା ସହିତ ପ୍ରତ୍ୟେକ ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସମାନ ସୁବିଧା ସୁଯୋଗ ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ସରକାରଙ୍କ ସମସ୍ତ ଯୋଜନା ଗୁଡ଼ିକ ଜିଲ୍ଲାରେ ସୁଚାରୁ ପ୍ରସାରିତ ହେବ ଏବଂ ହିତାଧିକାରୀମାନେ ଯେଉଁକି ସମସ୍ତ ଜନ କଲ୍ୟାଣକାରୀ ଯୋଜନା ଗୁଡ଼ିକରେ ଅନ୍ତର୍ଭୁକ୍ତ ହୋଇ ପାରିବେ ତାହା ଉପରେ ନିଜ ଅଭିଭାଷଣ ମାଧ୍ୟମରେ ପ୍ରକାଶ କରିଥିଲେ । ସେହିଭଳି ସୁନ୍ଦରଗଡ଼ ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରା ଉପରେ ମଧ୍ୟ ନିଜର ଅଭିଭାଷଣ ରଖିବା ସହିତ ସୁନ୍ଦରଗଡ଼ ଜିଲ୍ଲାକୁ ଆହୁରି ସରସ ସୁନ୍ଦର ଓ ସମୃଦ୍ଧ କରିବା ଦିଗରେ ଆଗକୁ ହେବାକୁ ନିଜ ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଏହି ଜିଲ୍ଲା ସ୍ତରୀୟ ପ୍ୟାରେଡ ରେ ବିଭିନ୍ନ ଶିକ୍ଷାନୁଷ୍ଠାନ ରୁ ୩୩ ଗୋଟି ପ୍ୟାରେଡ ଦଳ ଭାଗ ନେଇଥିଲେ ଏବଂ ଶ୍ରେଷ୍ଠ ବିବେଚିତ ପ୍ୟାରେଡ ଦଳଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀ ମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ପରେ ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗୀରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସେହିଭଳି ସାର୍ଥକ ସ୍କୁଲ, ଆସ୍ଥା ଗୃହ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲା ଜାରାଗାରର ଅନ୍ତେବାସୀ ମାନଙ୍କୁ ମୁଖ୍ୟ ଅ